**ସଂକ୍ଷେପରେ**

## ସରିଲା ଦ୍ୱିଦିବସୀୟ କ୍ରୀଡ଼ା ପ୍ରତିଯୋଗିତା

### ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ କୃତୀ ପ୍ରତିଯୋଗୀ

ଉମରକୋଟ, ୫।୬(ସ୍ୱ.ପ୍ର.)-ଉମରକୋଟସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମରେ ଜିଲା କ୍ରୀଡ଼ା ସଂଘ ତତ୍ତ୍ୱାବଧାନରେ ଦ୍ୱିଦିବସୀୟ କ୍ରୀଡ଼ା ପ୍ରତିଯୋଗିତା ଶେଷ ହୋଇଯାଇଛି। ଉମରକୋଟ ବିଡିଓ ଡ.ହିମାଞ୍ଚଳ ମାଝି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଉଦ୍‌ଯାପନୀ ଦିବସରେ ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଓଡ଼ିଶା ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ କୁମାର ପାଢ଼ୀ , ଉମରକୋଟ ପୌର ପରିଷଦର ଉପାଧ୍ୟକ୍ଷ ସୁଧାଂଶୁ ଦାଶ, ଜିଲା କ୍ରୀଡ଼ା ସଂଘ ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, ଉପସଭାପତି ଏମ୍. ବାଲାକ୍ରିଷ୍ଣା ରାଓ, ହକି ସମ୍ପାଦକ ଦୁର୍ଗାପ୍ରସାଦ ମଲ୍ଲିକ, ଇନ୍‌ଡୋର ଗେମ୍ ସମ୍ପାଦକ କୃଷ୍ଣପ୍ରସାଦ ପଟ୍ଟନାୟକ, ମନୋଜ ପଟ୍ଟନାୟକ, ଅଶୋକ ନାୟକ ପ୍ରମୁଖ ଉପସ୍ଥିତ ରହି କୃତୀ କ୍ରୀଡ଼ାବିତଙ୍କୁ ପ୍ରମାଣପତ୍ର ପ୍ରଦାନ କରିବା ସହ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ଆଥ୍‌ଲେଟିକ ମିଟ୍‌ରେ ଭାଗନେବା ପାଇଁ ଜିଲାର ଦକ୍ଷ ଖେଳାଳି ଚୟନ କରିବା ଉକ୍ତ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି କୁହାଯାଇଛି। କାର୍ଯ୍ୟକ୍ରମକୁ ଜିଲା କ୍ରୀଡ଼ା ସମ୍ପାଦକ ଜ୍ୟୋତି ପରିଚ୍ଛା, ଜିଲା ମହିଳା କ୍ରୀଡ଼ା ସମ୍ପାଦିକା ଇଂ.ଚନ୍ଦନା ମଲ୍ଲିକ, କ୍ରୀଡ଼ା ଶିକ୍ଷକ ସପନ ବୈରାଗୀ ଏବଂ ଏମ୍. ବିଜୟ କୁମାର, ବରିଷ୍ଠ ଖେଳାଳି ଦୁର୍ଯ୍ୟ ହରିଜନ ପ୍ରମୁଖ ପରିଚାଳନା କରିଥିଲେ। ୨୩ ବିଭାଗରେ ଅନୁଷ୍ଠିତ ବିଭିନ୍ନ ଖେଳରେ ୨୦୦ ପ୍ରତିଯୋଗୀ ଭାଗନେଇଥିଲେ। ଜିଲାସ୍ତରରେ ମନୋନୀତ ଖେଳାଳି ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗନେବେ ବୋଲି କ୍ରୀଡ଼ା ସଂଘ ସୂଚନା ଦେଇଛି।

## 'ଆସ ଖାଇବାକୁ ଦେବା' ଅଭିଯାନ ଶୁଭାରମ୍ଭ

ନବରଙ୍ଗପୁର,୫।୬(ବି.ପ୍ର.)- ନବରଙ୍ଗପୁର ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ ଓ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୁଲ୍ୟରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। କଲେଜ ଅଧକ୍ଷ ଡଃ. ଭାସ୍କର ନାଥ ବିଶ୍ୱାଳ ମଣିଷ ସମାଜର ସ୍ଥିତି ଓ ବିକାଶରେ ପରିବେଶର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧାପକ ଡଃ




ନୀଳାଚଳ ମିଶ୍ର ଯୋଗଦେଇ ପରିବେଶ ଓ ପ୍ରାଣୀ ଜୀବନ ଉପରେ ତଥ୍ୟ ଭିତ୍ତିକ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସଂଯୋଜକ ତଥା ଜିଲା ୱାଇଆର୍‌ସି ସମ୍ପାଦକ ଅଧାପକ ଦିଲ୍ଲୀପ ହୋତା ଉପସ୍ଥିତ ଥିଲେ। ରୌଦ୍ରତାପରେ ପରିବେଶ ସନ୍ତୁଳନରେ ସହଯୋଗ କରୁଥିବା ପକ୍ଷୀ, ପଶୁଙ୍କୁ ଖାଦ୍ୟ ପାନୀୟ ଦେବାପାଇଁ 'ଆସ ଖାଇବାକୁ ଦେବା' ଅଭିଯାନର ଶୁଭାରମ୍ଭ କରାଯାଇଛି। ଅଧାପକ ଶମ୍ଭୁ ପ୍ରସାଦ ହୋତା ପ୍ରକଳ୍ପର କାର୍ଯ୍ୟକାରିତା ଉପରେ ବିବରଣୀ ଉପସ୍ଥାପନା କରିଥିଲେ। ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ବିଦ୍ୟାର୍ଥୀ ନୀଳକଣ୍ଠଗୁଡା, ମିରିଗାନିଗୁଡ଼ା ଗ୍ରାମବାସୀଙ୍କୁ ସଚେତନ କରିଥିଲେ। ମୁକ୍ତ ବିଶ୍ୱବିଦ୍ୟାଳୟ ବିଦ୍ୟାର୍ଥୀଙ୍କର ଆଲୁମିନି ଗଠନ କରି ଅନୁଷ୍ଠାନର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଉପସ୍ଥିତ ସମସ୍ତେ ସମ୍ମତି ପ୍ରକାଶ କରିଥିଲେ।

# 'ଜଙ୍ଗଲ ନଷ୍ଟକରିବା ମା'ଙ୍କୁ ହତ୍ୟା କରିବା ସହ ସମାନ'

ଡାବୁଗାଁ, ୫।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାର ବିଭିନ୍ନ ସ୍ଥାନରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ପରିବେଶକୁ ସୁରକ୍ଷା ଦେବା, ସନ୍ତୁଳନ ରକ୍ଷା କରିବା ଜୀବଜଗତ ପାଇଁ କେତେ ଜରୁରୀ ସେ ନେଇ ଆଲୋଚନା କରାଯାଇଥିଲା।

ନବରଙ୍ଗପୁର ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍) ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନୂତନ ଜିଲା କୋର୍ଟ ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଛି। ଜିଲା ଦୌରା ଜଜ୍ ସଞ୍ଜୀବ ଦୁବେ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଭାବେ ପରିବାର ବିଚାରବିଭାଗୀୟ ଜଜ୍ ଡ. ମୁନରାନୀ ମିଶ୍ର, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ବିନୋଦ ବିହାରୀ ସାହୁ, ବରିଷ୍ଠ ଦେୱାନୀ ଜଜ୍ ତଥା ଡିଏଲ୍ଏସ୍ ସଚିବ ଭାରପ୍ରାପ୍ତ ସଚିବ ଅନ୍ନପୂର୍ଣ୍ଣା ନାୟକ, ଉପଖଣ୍ଡ ବିଚାରବିଭାଗୀୟ ଦଣ୍ଡାଧିକାରୀ ପ୍ରଜ୍ଞା ପଣ୍ଡା, ବନାଞ୍ଚଳ ଅଧିକାରୀ ତଡ଼ିତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଜିଲା କୋର୍ଟ କର୍ମଚାରୀ, ଆଇନଜୀବୀ ଓ ବନ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟରେ ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗଙ୍କ ଅଧ୍ୟକ୍ଷତାରେ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ବନାଞ୍ଚଳ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ରାସ୍ତାରୁ ପ୍ଲାଷ୍ଟିକ ଆବର୍ଜନା ସଫା କରାଯାଇଥିଲା। ଶୋଭାଯାତ୍ରା ମାଉସୀ ମା'ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ପରେ ବନାଞ୍ଚଳ କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ନବରଙ୍ଗପୁର ଜିଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାରକୁ ମନା କରିଥିଲେ। ପ୍ରକୃତି ଆମର ମା, ମଣିଷ ବଞ୍ଚିବା ପାଇଁ ଜଙ୍ଗଲର ଆବଶ୍ୟକତା ରହିଛି। ଜଙ୍ଗଲ କ୍ଷୟହେବାରୁ ପରିବେଶ ଅସନ୍ତୁଳିତ ହେଉଛି, ଜଙ୍ଗଲ ନଷ୍ଟ କରିବା ମାନେ ନିଜ ମା'ଙ୍କୁ ହତ୍ୟାକରିବା ସହ ସମାନ ବୋଲି କହିଥିଲେ। ପ୍ରତ୍ୟେକ ଲୋକ ଗୋଟିଏ ଲେଖାଏ ଗଛ ଲଗାଇବା ଦରକାର, ଉକ୍ତ ଗଛର ନିଜ ପିଲା ଭଳି ଯତ୍ନ ନେବା ଆବଶ୍ୟକ ବୋଲି ନିଜ ଅଭିଭାଷଣରେ କହିଥିଲେ। ଏହି ଅବସରରେ ଡାବୁଗାଁ ବ୍ଲକ ଅଧ୍ୟକ୍ଷା ବୀଣା ମାଝି, ଉପାଧ୍ୟକ୍ଷ ସଦାନନ୍ଦ ନାୟକ, ଏମ୍‌ପିଙ୍କ ପ୍ରତିନିଧି ଏମ୍. ଆପ୍ପା ରାଓ, ବିଧାୟକ ପ୍ରତିନିଧି ଏମ୍. ବୁଲୁ ରାଓ, ଜିଲା ପରିଷଦ ସଭ୍ୟ ଗୁପ୍ତ ବିଷୋୟୀ, ଡାବୁଗାଁ ବନପାଳ ମଧୁସୂଦନ ପାତ୍ର, ମୈଦଲପୁର ବନପାଳ ଉମାକାନ୍ତ ପଟ୍ଟନାୟକ, ଜଟାବାଲ ବନପାଳ ବୃନ୍ଦାବନ ମାଝି, ସମସ୍ତ ବନରକ୍ଷୀ, ବନ କର୍ମଚାରୀ, ବନ ସଂରକ୍ଷଣ ସମିତି ସଭାପତି, ଏସ୍ଏଚ୍‌ଜି ମହିଳାମାନେ ଯୋଗ ଦେଇଥିଲେ।



ଜିଲା ଦୌରାଜଜ୍ ସଞ୍ଜୀବ ଦୁବେ ଚାରାରୋପଣ କରୁଛନ୍ତି।


ଡାବୁଗାଁରେ ବାହାରିଥିବା ଶୋଭାଯାତ୍ରା।

# ନବରଙ୍ଗପୁରର ସମସ୍ତ ବ୍ଲକକୁ ପ୍ରକୃତି ମିତ୍ର ପୁରସ୍କାର



ନବରଙ୍ଗପୁର,୫।୬(ବି.ପ୍ର.)

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ଭୁବନେଶ୍ୱର ଲୋକସଭା ଭବନରେ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ହୋଇଯାଇଛି। ଏଥିରେ ନବରଙ୍ଗପୁର ୧୦ ବ୍ଲକ ଏହି ବର୍ଷ ପକୃତି ମିତ୍ର ପୁରସ୍କାର ହାତେଇଛି।

ଲୋକ ସୂଚନା, ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଅତିଥିଭାବେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଭିଡ଼ିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ନିଜ ବାର୍ତ୍ତା ରଖି ଓଡିଶାକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଘୋଷଣା କରିଥିଲେ। ଓଡିଶାରେ ୩୧୪ ବ୍ଲକ ଥିବାବେଳେ ଏହି ବର୍ଷ ୧୭୩ ବ୍ଲକ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏଥିରେ ନବରଙ୍ଗପୁରର ସମସ୍ତ ବ୍ଲକ ଯୋଗ୍ୟ ବିବେଚିତ ହୋଇ ପୁରସ୍କାରଭାବେ ୨୦ ହଜାର ଟଙ୍କାର ଚେକ ସହିତ ଏକ ମାନପତ୍ର ବିଭାଗୀୟ ମନ୍ତ୍ରୀଙ୍କରୁ ମଞ୍ଚ ଉପରୁ ଗ୍ରହଣ କରିଥିଲେ। ପ୍ରଥମ ଥର ପାଇଁ ଓଡ଼ିଶାର ଏକ ସ୍ପେସିଆଲ ସ୍କୁଲ ଏହି ପୁରସ୍କାର ଗ୍ରହଣ କରିଥିଲା। ନବରଙ୍ଗପୁରସ୍ଥିତ ନନ୍ଦାହାଣ୍ଡି ବ୍ଲକ ଅଶାକିରଣ ନିଜର ସୁନ୍ଦର ବଗିଚା ଏବଂ ବିଭିନ୍ନ ଚାରାରୋପଣ ଓ ପରିବେଶ ସଫାସୁତୁରା ପାଇଁ ଜିଲାସ୍ତରରୁ ରାଜ୍ୟ ସ୍ତରରୁ ଏହି ପୁରସ୍କାର ଲାଭ କରିଛି। ଅଶାକିରଣ ଅଧକ୍ଷ ଜଗନ୍ନାଥ ବେହେରା ଏହି ପୁରସ୍କାର ଗ୍ରହଣ କରିଥିଲେ। ନବରଙ୍ଗପୁରର ବିଭିନ୍ନ ମହଲରୁ ୧୦ ବ୍ଲକ ସହିତ ଅଶାକିରଣ ଅନୁଷ୍ଠାନକୁ ଏହି କାର୍ଯ୍ୟ ପାଇଁ ଶୁଭେଚ୍ଛା ମିଳୁଛି। ସମସ୍ତ ବ୍ଲକ ଜିଲା ଫରେଷ୍ଟ ଅଫିସରଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।

# ସରଳତାର ସୁଯୋଗ ନେଇ ବୀମାଟଙ୍କା ଖାଇଗଲେ ଦଲାଲ

ନବରଙ୍ଗପୁର/କୋଡ଼ିଙ୍ଗା,୫।୬(ବି.ପ୍ର./ ଡି.ଏନ୍.ଏ.)

**ହିତାଧିକାରୀ କୋଡ଼ିଙ୍ଗା ଥାନା ଦ୍ୱାରସ୍ଥ**

ସଚେତନତାର ଅଭାବର ସୁଯୋଗ ନେଇ ଦଲାଲ ଖାଇଯାଉଛନ୍ତି ଶ୍ରମିକ ବୀମା ଟଙ୍କା। ଶ୍ରମିକଙ୍କ ବୀମା ଟଙ୍କା ହଡ଼ପ ନେଇ ଖବର ପ୍ରକାଶ ପରେ ଏବେ ଗୋଟିଏ ପରେ ଗୋଟିଏ ଅଭିଯୋଗ ଦଲାଲଙ୍କ ନାଁରେ ଯୋଡି ହେଉଛି। ସୋମବାର ଏପରି ଅଭିଯୋଗ ନେଇ କୋଡ଼ିଙ୍ଗା ଥାନାରେ ଦ୍ୱାରସ୍ଥ ହୋଇଛନ୍ତି ହିତାଧିକାରୀ ସତାଇ ଗୌଡ଼, ଧନପତି ଗୌଡ଼, ନନ୍ଦାଇ ଜାନୀ, ଚନ୍ଦ୍ରୁ ଜାନୀ ଓ ଗଙ୍ଗାଧର ଜାନୀ।

ସ୍ତ୍ରୀଙ୍କର ନିର୍ମାଣ ଶ୍ରମିକ କାର୍ଡ ଥିବାରୁ ମୃତ୍ୟୁକାଳୀନ ସହାୟତା ରାଶି ୨ ଲକ୍ଷ ୫ ହଜାର ଟଙ୍କା ମିଳିବ। ଏବାଦକୁ ୨୦ ହଜାର ଟଙ୍କା ଖର୍ଚ୍ଚ ହେବ ବୋଲି ପୁରୁଣା ବକ୍କାଗୁଡା ଗାଁର ସୁନ୍ଦର ସିଂ ମାଝି ନେଇଗଲେ। ବୀମାରାଶି ବ୍ୟାଙ୍କ ଖାତାରେ ଚଢ଼ିବା ପରେ ୧ ଲକ୍ଷ ୫ ହଜାର ଟଙ୍କା ଦେଇ ୯୫ ହଜାର ଟଙ୍କା ସୁନ୍ଦର ସିଂ ନେଇଯାଇଥିବା କୋଡିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି ବକ୍କାଗୁଡ଼ାର ଧନପତି ଗୌଡ଼। ମାଗିଲେ ଅଫିସର ବାବୁମାନଙ୍କୁ ଉକ୍ତ ଟଙ୍କା ଦିଆଯାଇଛି ବୋଲି ସୁନ୍ଦର କହୁଥିବା ଧନପତି ଅଭିଯୋଗରେ ଦର୍ଶାଇଛନ୍ତି। ସେହିଭଳି ଶ୍ରମିକ କାର୍ଡରେ ସରକାରଙ୍କ ଦ୍ୱାରା ପ୍ରାବଧାନ ରହିଥିବା ମୃତ୍ୟୁକାଳୀନ ସହାୟତା ରାଶି ବାବଦରେ ବକ୍କାଗୁଡା ଗ୍ରାମବାସୀ ଗଙ୍ଗାଧର ଜାନୀ ଓ ନନ୍ଦାଇ ଜାନୀଙ୍କଠାରୁ ୭ ହଜାର ଟଙ୍କା ଲେଖାଏ ଓ ଚନ୍ଦ୍ରୁ ଜାନୀଙ୍କଠାରୁ ୬ ହଜାର ଟଙ୍କା ନେଇଥିବା ଅନ୍ୟ ଏକ ଅଭିଯୋଗ କୋଡିଙ୍ଗା ଥାନାରେ ହୋଇଛି। ପୂର୍ବରୁ ସୁନ୍ଦର ଓ ତାଙ୍କର ଜଣେ ସହଯୋଗୀ ଚଟାହାଣ୍ଡି ପଞ୍ଚାୟତ ଅଧୀନ ଟିକରଗୁଡା ଗାଁର ବଳରାମ ଗୌଡ଼ଙ୍କ ବୀମା ଟଙ୍କା ହଡ଼ପ କରିଥିବା ନେଇ ପୂର୍ବରୁ କୋଡ଼ିଙ୍ଗା ଥାନାରେ ଅଭିଯୋଗ ହୋଇଛି। ତେବେ ସୁନ୍ଦର ସିଂ ଓ ତାଙ୍କ ସହିତ ମିଶି ବିମାରାଶି ହଡ଼ପ କରି ନିରୀହଙ୍କୁ ଦୁର୍ଦ୍ଦଶା ଭିତରକୁ ଠେଲି ଦେଇଥିବା ଦୁହିଁଙ୍କୁ ତଦନ୍ତ ପରିସର ଭୁକ୍ତ କରାଗଲେ ଅନେକ ତଥ୍ୟ ପଦାକୁ ଆସିବ ବୋଲି ସମାଜିକ କର୍ମୀ ଦେବରାଜ ନାୟକ, ସଂଗ୍ରାମ ହରିଜନ, ଜିତେଶ୍ୱର ଜନୀ ଓ ହରିଶ୍ଚନ୍ଦ୍ର ଗୌଡ଼ କହିଛନ୍ତି। କୋଡ଼ିଙ୍ଗା ଥାନାଧିକାରୀ ଅଭିମନ୍ୟୁ ଦୁର୍ଗାଙ୍କୁ ପଚାରିବାରୁ ସୁନ୍ଦରସିଂକୁ ଡାକି ପଚରା ଉଚରା କରାଯାଇଛି। ମଙ୍ଗଳବାର ଟଙ୍କା ଫେରାଇ ଦେବି ବୋଲି ଅଭିଯୋଗକାରୀଙ୍କ ସମ୍ମୁଖରେ କହିବା ପରେ ତାଙ୍କୁ ଛାଡ଼ା ଯାଇଛି। ଯଦି ସୁନ୍ଦର ଟଙ୍କା ନ ଫେରାନ୍ତି ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



କୋଡ଼ିଙ୍ଗା ଥାନାକୁ ଲିଖିତ ଅଭିଯୋଗ କରିବାକୁ ଆସିଥିବା ଅଭିଯୋଗକାରୀ।

## ଜାତୀୟସ୍ତର କ୍ରୀଡ଼ାରେ ଉମରକୋଟରୁ ୨ ଟେକ୍‌ନିକାଲ ଅଫିସିଆଲ



ଉମରକୋଟ, ୫।୬(ସ୍ୱ.ପ୍ର.)

ଆସନ୍ତା ୧୪ରୁ ୧୯ ମଧ୍ୟରେ ହେବାକୁ ଥିବା ଜାତୀୟସ୍ତର କ୍ରୀଡ଼ା ପ୍ରତିଯୋଗିତାରେ ଟେକ୍‌ନିକାଲ ଅଫିସିଆଲ ଭାବେ ଉମରକୋଟର ଜଣାଶୁଣା କ୍ରୀଡ଼ା ଶିକ୍ଷକ ସପନ ବୈରାଗୀ ଓ ଏମ୍.ବିଜୟଙ୍କୁ ଚୟନ କରାଯାଇଛି। ଉପାନ୍ତ ନବରଙ୍ଗପୁର ଜିଲାରୁ ଜାତୀୟସ୍ତର କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମ ଥର ପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କୁ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମରେ ଜୁନ୍ ୧୪ ସକାଳ ସୁଦ୍ଧା ପହଞ୍ଚିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସପନ ବୈରାଗୀ ବର୍ତ୍ତମାନ ଭିଏସ୍‌ପଦର ସରକାରୀ ବିଦ୍ୟାଳୟଠାରେ କ୍ରୀଡ଼ା ଶିକ୍ଷକଭାବେ କାର୍ଯ୍ୟରତ। ସେହିଭଳି ଏମ୍ ବିଜୟ କୁମାର ଉମରକୋଟସ୍ଥିତ ସରକାରୀ ଏକ୍ସବୋର୍ଡ ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଅଛନ୍ତି। ଏହି ସଫଳତାରେ ଜିଲା କ୍ରୀଡ଼ା ସଂଘ ଉପସଭାପତି ଏମ୍. ବାଲକ୍ରିଷ୍ଣା ରାଓ, ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ ଓ କ୍ରୀଡ଼ା ସଂଘ କର୍ମକର୍ତ୍ତାଙ୍କ ସମେତ ଅନ୍ୟମାନେ ସେମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଭିନ୍ନ ଦୋକାନରେ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ଚଢ଼ାଉ

ପାପଡ଼ାହାଣ୍ଡି,୫।୬(ଡି.ଏନ୍.ଏ.)

ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ନବକିଶୋର ବେହେରାଙ୍କ ନେତୃତ୍ୱରେ ଏକ ଟିମ ପାପଡ଼ାହାଣ୍ଡିରେ ସୋମବାର ଚଢ଼ାଉ କରିଛନ୍ତି। ଖାଦ୍ୟର ମାନ ଓ ଗୁଟଖା ବିକ୍ରି କରୁଥିବା ଦୋକାନରୁ ଜରିନାମା ଆଦାୟ କରାଯାଇଛି। ଖାଦ୍ୟ ନିରାପତ୍ତା ଅଧିକାରୀ ଅରୁଣ କୁମାର ମହାରଣା, ଜିଲା ପରାମର୍ଶଦାତା ତରୁଣ କୁମାର ସାହୁ ଏହି ସମୟରେ ଉପସ୍ଥିତ ଥିଲେ। ଖାଦ୍ୟରୁ ୧୮ ହଜାର ଓ ଗୁଟୁଖା ବିକ୍ରୀ କରୁଥିବା ୧୩ ଦୋକାନ ରୁ ୨୬୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ପୁନର୍ବାର ଯାଞ୍ଚବେଳେ ଗୁଟଖା ବିକ୍ରି କରୁଥିବା ଜଣାପଡିଲେ କେସ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତରୁଣ କୁମାର ସାହୁ ସୂଚନା ଦେଇଛନ୍ତି।

# 'କିଛି ମୋର ହୋଇଥାଉ' ଉନ୍ମୋଚିତ

ଉମରକୋଟ, ୫।୬(ସ୍ୱ.ପ୍ର.)

ଦେଶିଆ କୁଟୁମ ଦ୍ୱାରା କବି ଧର୍ମରାଜ ମାଝିଙ୍କ ପୁସ୍ତକ 'କିଛି ମୋର ହୋଇଥାଉ' ଉନ୍ମୋଚନ କାର୍ଯ୍ୟକ୍ରମ ସୃଜନର ହର୍ଷିତା ଉମରକୋଟସ୍ଥିତ ଏସ୍ଏସ୍ ଇଣ୍ଟରନ୍ୟାଶନାଲ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉଦ୍‌ଘାଟକ ଭାବେ ନବରଙ୍ଗପୁର ଜିଲାପାଳ ଡ. କମଳଲୋଚନ ମିଶ୍ର ଯୋଗଦେଇଥିଲେ। ପ୍ରଶାସନିକ ସେବାରେ ଥାଇ ମଧ କବି ଧର୍ମରାଜ ମାଝିଙ୍କ ସାରସ୍ୱତ ସାଧନା ପ୍ରତି ଥିବା ଆଗ୍ରହକୁ ସେ ପ୍ରଶଂସା କରିବା ସହ ପୁସ୍ତକଟିର ଉନ୍ମୋଚନ ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ। ସତ୍ୟ ଓ ସୌନ୍ଦର୍ଯ୍ୟର ଅନୁସନ୍ଧାନରେ କବିଟିଏ କାବ୍ୟ କୋଣାର୍କ ଗଢ଼ିଥାଏ। କବି ଧର୍ମରାଜଙ୍କର କବିତାଗୁଡ଼ିକରେ ଉଭୟ ତତ୍ତ୍ୱ ସ୍ଥାନ ପାଇଛି ବୋଲି ମୁଖ୍ୟ ଅତିଥିଭାବେ ଯୋଗଦେଇ କବି ଡ. ଫନୀ ମହାନ୍ତି କହିଛନ୍ତି। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି, ଝରିଗାଁ ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ମାଝି ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ କବି ଡ. ପ୍ରୀତିଧାରା ସାମଲ, ଓଡ଼ିଶା ଉଠା ଜଳସେଚନ ନିଗମର ଉପଦେଷ୍ଟା ପ୍ରମୋଦ ପାଢ଼ୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ ବଲ୍ଲଭ ରାଉତ ଉପସ୍ଥିତ ଥିଲେ। ଦେଶିଆ କୁଟୁମ ସଭାପତି ସାଇମନ ବିଡ଼ିକା ସଭାପତିତ୍ୱ ଓ ଦୂରଦର୍ଶନ ଉପସ୍ଥାପକ ଶିବାନନ୍ଦ ବାରିକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କବିଙ୍କ ପୂର୍ବ ପ୍ରକାଶିତ ବହି 'ବାବୁଲାଲ', 'ଛୁଇଁବାକୁ ଚାହେଁ ଜହ୍ନ' ଓ 'ସ୍ମୃତି ତୁମେ ଇନ୍ଦ୍ରଧନୁ'ରେ ସମୀକ୍ଷାହୋଇ କବିତା ସବୁ ଯୁବକବିଙ୍କ ଦ୍ୱାରା ଆବୃତ୍ତି କରାଯାଇଥିଲା। ରାଧାରାଣୀ ସରକାର, ସତ୍ୟବ୍ରତ ପ୍ରଧାନ, ରୂପେଶ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ସବ୍ୟସାଚୀ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ।


ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

# ୨୯ ସଫେଇ କର୍ମଚାରୀଙ୍କୁ ମିଳିଲା ପରିଚୟପତ୍ର

ଉମରକୋଟ, ୫।୬(ସ୍ୱ.ପ୍ର.)

**ରାଜ୍ୟ ସରକାରଙ୍କ ଗରିମା ଯୋଜନା**

ଉମରକୋଟ ପୌର ପରିଷଦ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ସଫେଇ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ସୋମବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ଗରିମା ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ୨୯ ସଫେଇ କର୍ମଚାରୀଙ୍କୁ ଏହି ପରିଚୟପତ୍ର ପ୍ରଦାନ ଦିଆଯାଇଛି। କିଛି ମାସ ପୂର୍ବରୁ ଏକ ସର୍ଭେ କରାଯାଇ ପ୍ରଥମ ପର୍ଯ୍ୟାୟରେ ଜଣେ ମହିଳା ଓ ୨୮ ଜଣ ପୁରୁଷଙ୍କୁ ପରିଚୟପତ୍ର ଦିଆଯାଇଛି। ପରିଚୟପତ୍ର ପାଇଥିବା ବ୍ୟକ୍ତିମାନେ ସରକାରଙ୍କ ବିଭିନ୍ନ ଯୋଜନାର ଲାଭ ପାଇପାରିବେ ବୋଲି ପୌର ନିର୍ବାହୀ ଅଧିକାରୀ ଋଷି ମାଝି କହିଛନ୍ତି। ଆଗାମୀ ଦିନରେ ପୁଣି ସର୍ଭେ କରାଯାଇ ଅନ୍ୟମାନଙ୍କୁ ପରିଚୟପତ୍ର ଦିଆଯିବ ବୋଲି ସୂଚନା ମିଳିଛି। ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷା ରାଧା ଭତ୍ରା, ଉପାଧ୍ୟକ୍ଷ ସୁଧାଂଶୁ ଦାସ, ମୁନା ପାଢ଼ୀ, ତପନ ଦେବନାଥ, ମନୋଜ ନାୟକ, ରେବାରାଣୀ ମଣ୍ଡଳ, ନିଲମ ହରିଜନ, କନକଲତା ନାୟକ, ଚିନ୍ମୟ ଠାକୁର, ଇତିଶ୍ରୀ ଦଳେଇ, ଶିଖାରାଣୀ ସରକାର, ସଞ୍ଜୟ ସରକାର ପ୍ରମୁଖ ବିଭିନ୍ନ ୱାର୍ଡର କାଉନସିଲର ଯୋଗଦେଇଥିଲେ।


ଅତିଥିଙ୍କ ସହ ପରିଚୟପତ୍ର ପାଇଥିବା ସଫେଇ କର୍ମଚାରୀମାନେ।

## କୋଷାଗୁମୁଡ଼ା ସରକାରୀ ହାଇସ୍କୁଲକୁ ପ୍ରକୃତି ମିତ୍ର ପୁରସ୍କାର

କୋଷାଗୁମୁଡ଼ା, ୫।୬(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ରାଜ୍ୟସ୍ତରରେ ପ୍ରକୃତି ମତ୍ର ପୁରସ୍କାର ପାଇଛି। ଭୁବନେଶ୍ୱ ଲୋକସେବା ଭବନ ସ୍ଥିତ ରାଜ୍ୟ କନଭେନସନ୍ ସେଣ୍ଟରରେ ସୋମବାର ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ଯୋଗଦେଇ ପୁରସ୍କାର ଗ୍ରହଣ କରିଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ପ୍ରଧାନଶିକ୍ଷକ ଓ ସ୍କୁଲର ଅନ୍ୟମାନଙ୍କୁ ଅଭିଭାବକ, ବୁଦ୍ଧିଜୀବୀମାନେ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

# ଦାବି ପୂରଣ ନ ହେଲେ ବ୍ଲକ ଘେରାଉ ଚେତାବନୀ

ପାପଡ଼ାହାଣ୍ଡି,୫।୬(ଡି.ଏନ୍.ଏ.)

**ବ୍ଲକ କଂଗ୍ରେସର ବିଡିଓଙ୍କୁ ଦାବିପତ୍ର**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ମିଶ୍ରଙ୍କ ନେତୃତ୍ୱରେ ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି, ଜିଲାପରିଷଦ ସଭ୍ୟା ଡା ଲିପିକା ମାଝି ଓ କଂଗ୍ରେସ କର୍ମୀ ବିଡିଓ ଦିବାକର ବାଘଙ୍କୁ ୧୧ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ସରକାରୀ ଯୋଜନାରେ ଦୁର୍ନୀତି ବିରୋଧରେ ଏହି ଦାବିପତ୍ର ଦିଆଯାଇଛି ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

ପଞ୍ଚାୟତ କାର୍ଯ୍ୟାଳୟରେ ପେନସନ ପ୍ରଦାନ, ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ, ଆବାସ ଘର, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ପାପଡ଼ାହାଣ୍ଡିରେ ମୃତଦେହ ବ୍ୟବଚ୍ଛେଦ ଗୃହ ନିର୍ମାଣ ଓ ସ୍ଥାୟୀ ବସ୍‌ଷ୍ଟାଣ୍ଡ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ସେହିଭଳି ଗାଁ ମାନଙ୍କରେ ଶୌଚାଳୟ ବ୍ୟବସ୍ଥାଥିବା ସରକାରୀ କ୍ଷେତ୍ରରେ ଦର୍ଶା ଯାଇଛି। କିନ୍ତୁ ପ୍ରକୃତରେ ଗାଁମାନଙ୍କରେ ଶୌଚାଳୟ ସେତେଟା ନାହିଁ। ତେଣୁ ଏହାର ତଦନ୍ତ କରାଯାଉ ବୋଲି ବିଡିଓଙ୍କୁ ଭୁଜବଳ ମାଝି କହିଥିଲେ। ଏହି ଦାବି ବିଷୟରେ ପ୍ରତ୍ୟେକ ବିଭାଗକୁ ଜଣାଇ ଦିଆଯିବ ବୋଲି ବିଡିଓ କହିଛନ୍ତି। ୧୫ ଦିନରେ ଦାବି ପୂରଣ ନ ହେଲେ ଶତାଧିକ କଂଗ୍ରେସ କର୍ମୀ ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ ଘେରାଉ କରିବେ ବୋଲି ପୂର୍ବତନ ବିଧାୟକ ଭୁଜବଳ ମାଝି ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ କାର୍ଯ୍ୟକାରି ସଭାପତି ଭି. ବିକାଶ ରାଓ, ରାଜ କିଶୋର ରାଓ, ଈଶ୍ୱର ମିର୍ଗାନଙ୍କ ସହ ଅନେକ କଂଗ୍ରେସ କର୍ମୀମାନେ ଉପସ୍ଥିତ ଥିଲେ।


ବିଡିଓ ଦାବିପତ୍ର ଗ୍ରହଣ କରୁଛନ୍ତି।

# ଶିକ୍ଷକ ନିଯୁକ୍ତି, ସ୍କୁଲ ପରିଚାଳନା ଦାୟିତ୍ୱକୁ ନେଇ ପ୍ରଶ୍ନବାଚୀ

ତେନ୍ତୁଲିଖୁଣ୍ଟି, ୫।୬(ଡି.ଏନ୍.ଏ.)

**ଇନ୍ଦ୍ରାବତୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟ**

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ ପରଜା ବାରଙ୍ଗପଦର ପଞ୍ଚାୟତ ଖାତିଗୁଡ଼ାସ୍ଥିତ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ପରିଚାଳନା ଭାର ଏବେ କାହାର। ଏହାର ଉତ୍ତର କାହା ପାଖରେ ନାହିଁ। ସ୍କୁଲରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନାହାନ୍ତି। କେଉଁ ବିଭାଗ ଶିକ୍ଷକ ନିଯୁକ୍ତି କରିବ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଣେ କିଛିଦିନ ମଧ୍ୟରେ ସ୍କୁଲ ଖୋଲିଯିବ। ତେଣୁ ଏଠାରେ ପିଲାଙ୍କ ପାଠପଢ଼ା କିପରି ହେବ ସେ ଚିନ୍ତାରେ ଅଭିଭାବକ।

ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ, ଜଣେ ଟିଜିଟି କଳା ଶିକ୍ଷୟିତ୍ରୀ ଓ ଜଣେ ପିଅନଙ୍କ ଦରମା ଏଚ୍‌ଆର୍‌ଏମ୍‌ଏସ୍ ପ୍ରକ୍ରିୟାରେ ଜଳ ସମ୍ପଦ ବିଭାଗ ଦରମା କରୁଛି। ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ୩ ବିଜ୍ଞାନ ଟିଜିଟି ଶିକ୍ଷକଙ୍କ ଦରମା ଜଳବିଦ୍ୟୁତ୍ ନିଗମ କରୁଛି। ଅନ୍ୟ ୨ ଏନ୍‌ଇଓ୍ୱାନଙ୍କ ଦରମା ଓଡ଼ିଶା ଜଳବିଦ୍ୟୁତ୍ ନିଗମର ମୁଖିଗୁଡ଼ାରୁ ହେଉଛି। ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ମୂଳତଃ ଜଳ ସମ୍ପଦ ବିଭାଗ ଦ୍ୱାରା ଖୋଲା ଯାଇଥିଲା। ଜଳ ସମ୍ପଦ ବିଭାଗ ବିଭକ୍ତ ହୋଇ ଜଳସେଚନ ଓ ଶକ୍ତି ବିଭାଗ ହେବା ପରଠାରୁ ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଆର୍ଥିକ ଅନୁଦାନରେ ବିଦ୍ୟାଳୟ ପରିଚାଳିତ ହୋଇ ଆସୁଥିଲା। ୨୦୨୨ ଜାନୁୟାରୀରୁ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପ ସିଭିଲ ଉଇଙ୍ଗକୁ ଜଳ ସମ୍ପଦ ବିଭାଗକୁ ହସ୍ତାନ୍ତର ନେଇ ନିଷ୍ପତ୍ତି ହୋଇଥିଲା। ଜଳ ସମ୍ପଦ ବିଭାଗ ଦ୍ୱାରା ପରିଚାଳିତ ବିଭିନ୍ନ ପ୍ରକଳ୍ପର ୮ ପ୍ରାଥମିକ ଓ ଉଚ୍ଚ ବିଦ୍ୟାଳୟକୁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗକୁ ହସ୍ତାନ୍ତର କରାଯିବା ନେଇ ନିଷ୍ପତ୍ତି ପରେ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ପରିଚାଳନା ଝୁଲି ରହିଛି। ଓଡ଼ିଶା ଜଳବିଦ୍ୟୁତ୍ ନିଗମ ଦ୍ୱାରା ଚୁକ୍ତିଭିତ୍ତିକ ନିଯୁକ୍ତ ୩ ବିଜ୍ଞାନ ସ୍ନାତକ ତାଲିମପ୍ରାପ୍ତ ଶିକ୍ଷକଙ୍କ ଚୁକ୍ତି ନବୀକରଣ ଗତ ବର୍ଷ ଏକ ବିବାଦ ପରେ ଜୁଲାଇ ୨୦୨୩ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଗତ ବର୍ଷ ନବୀକରଣ ନ କରି ସେମାନଙ୍କ ୪ମାସ ଦରମା ଦିଆଯାଇ ନ ଥିଲା। ପରେ ଚୁକ୍ତିନବୀକରଣ କରାଗଲା। ସେତେବେଳେ ସେମାନେ ନବୀକରଣ ହୋଇ ନ ଥିବାରୁ ବିଦ୍ୟାଳୟରେ ଶିକ୍ଷାଦାନ କରୁ ନ ଥିଲେ। ଚୁକ୍ତି ଅବଧି ଜୁଲାଇରେ ସରିଯିବା ପରେ ପୁଣି ଚୁକ୍ତି ନବୀକରଣ ଓଡ଼ିଶା ଜଳବିଦ୍ୟୁତ୍ ନିଗମ କରିବ ତ ଏ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯଦି ନବୀକରଣ ନ ହୁଏ ତେବେ ବିଦ୍ୟାଳୟରେ ବର୍ତ୍ତମାନ ଜଣେ ପ୍ରଧାନ ଶିକ୍ଷକ, ଜଣେ ଟିଜିଟି ଶିକ୍ଷୟିତ୍ରୀ, ୨ ଜଣ ସି.ଟି. ତାଲିମପ୍ରାପ୍ତ ଶିକ୍ଷକ ଓ ୨ଜଣ ନନ୍ ଏକ୍‌ଜିକ୍ୟୁଟିଭ-୧ ଶିକ୍ଷାଦାନ କରିବେ। ଷଷ୍ଠରୁ ଦଶମ ଶ୍ରେଣୀରେ ଦୁଇଟି ଲେଖାଏ ବିଭାଗ ଥାଇ ପ୍ରାୟ ୩୫୦ ଛାତ୍ରୀଛାତ୍ର ବିଦ୍ୟାଳୟରେ ପଢୁଛନ୍ତି। ୧୦ଶ୍ରେଣୀକକ୍ଷକୁ ମାତ୍ର ୫ଜଣ କିପରି ଓ କ'ଣ ପଢ଼ାଇବେ ତାହା ଅଭିଭାବକ ପଚାରିଛନ୍ତି।

ପରଜା ବାରଙ୍ଗପଦର ପଞ୍ଚାୟତରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପରିଚାଳିତ ହାଇସ୍କୁଲ ନାହିଁ। ପଞ୍ଚାୟତର ୩ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ମଞ୍ଜାଗାଁ ପଞ୍ଚାୟତ ୨ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର ଇନ୍ଦ୍ରାବତୀ ପ୍ରକଳ୍ପ ବିଦ୍ୟାଳୟରେ ନାମ ଲେଖାଇଥାନ୍ତି। ଗୋଟିଏ ଉଚ୍ଚ ବିଦ୍ୟାଳୟରେ ୩ଜଣ ଟିଜିଟି ବିଜ୍ଞାନ, ୩ ଟିଜିଟି କଳା, ୨ କ୍ଲାସିକାଲ ଶିକ୍ଷକ, ଜଣେ ପିଇଟି ଶିକ୍ଷକ ଆବଶ୍ୟକ। କିନ୍ତୁ ଏଠାରେ ଶିକ୍ଷକ ସମସ୍ୟା ଗୁରୁତର। ବିଦ୍ୟାଳୟ ଗ୍ରୀଷ୍ମ ଅବକାଶରୁ ଖୋଲିବା ପରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା କେମିତି ହେବ ସେ ନେଇ ଅଭିଭାବକ ସନ୍ଦେହରେ। ତେନ୍ତୁଲିଖୁଣ୍ଟି ବିଇଓ ସୌମେନ୍ଦ୍ର ଭୌମିକଙ୍କୁ ପଚାରିବାରୁ ଆମ ଅଧୀନକୁ ଇନ୍ଦ୍ରାବତୀ ହାଇସ୍କୁଲ ଆସିଗଲେ ଶିକ୍ଷକ ସମସ୍ୟା ସମାଧାନ କରିଦେବୁ, କିନ୍ତୁ ହସ୍ତାନ୍ତର ପ୍ରକ୍ରିୟା କେଉଁଠି ଅଟକିଛି ସେ ଖବର ନାହିଁ। ଏବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପରିଚାଳିତ ବିଦ୍ୟାଳୟ ଭଳି ଅନୁଦାନ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟରକୁ ଦିଆଯାଇଛି । ୫-ଟିରେ ମଧ ସାମିଲ କରାଯାଇ କାମ ଜାରି ରହିଛି। ଇନ୍ଦ୍ରାବତୀ ଡ୍ୟାମ୍ ସର୍କଲ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ସଞ୍ଜୀବ ଭତ୍ରାଙ୍କୁ ପଚାରିବାରୁ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ଶିକ୍ଷକଙ୍କ ଚାକିରି ନିୟମିତ ବିଷୟରେ ନିଷ୍ପତ୍ତି ନେବାକୁ ଜଳସେଚନ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଓ ଇନ୍ଦ୍ରାବତୀ କୋଲାବ ବେସିନ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି କରିଛୁ। ପ୍ରକଳ୍ପ ଦ୍ୱାରା ପରିଚାଳିତ ବିଦ୍ୟାଳୟଗୁଡ଼ିକ ହସ୍ତାନ୍ତର ପାଇଁ ପ୍ରସ୍ତାବ ପ୍ରାୟତଃ ଶେଷ ପର୍ଯ୍ୟାୟରେ। ଜିଲାପାଳଙ୍କ ନିଷ୍ପତ୍ତିରେ ଅଟକିଛି। ନବରଙ୍ଗପୁର ଜିଲା ଶିକ୍ଷାଧିକାରୀ ପ୍ରଦୀପ ନାଗଙ୍କୁ ପଚାରିବାରୁ ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟ ହସ୍ତାନ୍ତର ପାଇଁ ଚିଠି କରିଛୁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### କୁକୁର କାମୁଡ଼ାରେ ୧୩ ଆହତ

ବୁଗୁଡ଼ା,୫।୬(ଡି.ଏନ୍.ଏ.):ବୁଗୁଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ପାଗଳ କୁକୁର କାମୁଡ଼ାରେ ଆହତ ହୋଇଥିବା ୧୩ ଜଣଙ୍କୁ ସୋମବାର ବୁଗୁଡା ମେଡିକାଲରେ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରେ ଝୋଲରୀ ଗାଁର ରାକେଶ ନାୟକ, ଟିକରପଡାର ପ୍ରମୋଦ ବିଷୋୟୀ, ଖୋଲଖାଲିର ପ୍ରଭାକର ସ୍ୱାଇଁ, ବୁଗୁଡାର କାମରାଜୁ ବେହେରା, କମା ନାଇକ, ଲିଲି ବେହେରା, ସନ୍ନାସୀ ବେହେରା, ସନ୍ଧ୍ୟାରାଣୀ ସାହୁ, ଲକ୍ଷ୍ମୀ ପାତ୍ର, ଧୀରଜ ମହାରଣା, ଅଶୋକ ପ୍ରଧାନ, କରଚୁଲି ଗ୍ରାମର ଦୁଃଖୀଶ୍ୟାମ ରହିଛନ୍ତି। ତେବେ ପାଗଳା କୁକୁର ପାଇଁ ଚାରିଆଡେ ଆତଙ୍କ ଖେଳିଯାଇଥିବା ବେଳେ ତାକୁ କାବୁ କରିବା ପାଇଁ ଲୋକଙ୍କ ଉଦ୍ୟମ ଜାରି ରହିଥିବା ଜଣାଯାଇଛି।

### ଆକ୍ରମଣକାରୀ ନାବାଳକଙ୍କୁ ଜେଜେବି ପଠାଗଲା

ବୁଗୁଡ଼ା,୫।୬(ଡି.ଏନ.ଏ.):ବୁଗୁଡ଼ା ଥାନା ଅନ୍ତର୍ଗତ ପୁରୁଣା ପାଣିକେଶ୍ୱର ଗ୍ରାମର ଜଣେ ଆକ୍ରମଣକାରୀ ନାବାଳକଙ୍କୁ ସୋମବାର ପୋଲିସ ଜେଜେବିରେ ହାଜର କରିଛି। ରବିବାର ରାତିରେ ପାଣିକେଶର ଗାଁର ପ୍ରସନ୍ନ ନାଇକ(୭୦)ଙ୍କୁ ନିଶାସକ୍ତ ନାବାଳକ ଜଣକ ଏକ ବାଉଁଶ ଠେଙ୍ଗାରେ ଆକ୍ରମଣ କରି ଲହୁଲୁହାଣ କରିପକାଇଥିଲା। ଘଟଣା ସ୍ଥଳରୁ ବୃଦ୍ଧଙ୍କୁ ଉଦ୍ଧାର କରାଯାଇ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ପରେ ତାଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା ନେଇ ପୋଲିସ ସୂତ୍ରରୁ ଜଣାଯାଇଛି।

### କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ
### କରାତଳି ଟିମ୍ ବିଜୟୀ

ଛତ୍ରପୁର,୫।୬(ଡି.ଏନ୍.ଏ.): ଛତ୍ରପୁରରେ କେ. ଚନ୍ଦ୍ରଶେଖର ରେଡ୍ଡୀଙ୍କ ଆନୁକୂଲ୍ୟରେ କେ. ତାରିଣୀଆମ୍ମା ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ମ୍ୟାଚରେ ଛତ୍ରପୁର ଏନ୍ଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ଯୋଗ ଦେଇ ଏହାର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ମା' ବ୍ୟାଘ୍ରଦେବୀ ବନାମ କରାତଳି ଟିମ ମଧ୍ୟରେ ୧୨ ଓଭର ଖେଳ ହୋଇଥିଲା। ଏହି ମ୍ୟାଚରେ କରାତଳି ଟିମ ପ୍ରଥମେ ବ୍ୟାଟିଂ କରି ୧୦୩ ରନ କରିଥିଲେ। ଏହାର ଜବାବରେ ମା' ବ୍ୟାଘ୍ରଦେବୀ ଟିମ ୧୦୨ ରନରେ ସମସ୍ତ ଉଇକେଟ ହରାଇଥିଲା। ଫଳରେ କରାତଳି ଟିମ ବିଜୟୀ ହୋଇଥିଲା। ଏହି ଟୁର୍ନାମେଣ୍ଟ ପନ୍ଦର ଦିନ ଧରି ଚାଲିବ ଏବଂ ଦୈନିକ ଦୁଇଟି ମ୍ୟାଚ ଖେଳାଯିବ ବୋଲି ସୂଚନା ଦିଆଯାଇଛି।

### ୧୭ରେ ୫-ଟି ସଚିବଙ୍କ ଦାରିଙ୍ଗବାଡ଼ି ଗସ୍ତ

ଦାରିଙ୍ଗବାଡ଼ି,୫।୬(ଡି.ଏନ୍.ଏ): ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳକୁ ଆସନ୍ତା ୧୭ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍‌ଙ୍କ ଦାରିଙ୍ଗବାଡି ଗସ୍ତ କାର୍ଯ୍ୟକ୍ରମ ରହିଛି। ସେ ପ୍ରଥମେ ହେଲିକପ୍ଟର ଯୋଗେ ଫୁଲବାଣୀ ଆସିବେ। ସେଠାରେ ରାତ୍ରିଯାପନ କରି ପରଦିନ ଦାରିଙ୍ଗବାଡି ଗସ୍ତ କରିବେ। ସେଠାରେ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଓ ଲୋକପ୍ରତିନିଧିମାନଙ୍କ ସହ ସମୀକ୍ଷା କରିବେ। ଜି.ଉଦୟଗିରି ନିର୍ବାଚନମଣ୍ଡଳୀର ଅନ୍ୟ ବ୍ଲକଗୁଡିକ ମଧ ବୁଲିବା କାର୍ଯ୍ୟକ୍ରମ ରହିଥିବା ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ କହିଛନ୍ତି।

# ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବାକୁ ଆହ୍ୱାନ

## ଜିଲ୍ଲାସ୍ତରୀୟ ବିଶ୍ୱ ପରିବେଶ ଦିବସ

ମାଲକାନଗିରି, ୫.୬(ଡି.ଏନ୍.ଏ)



ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ ବୈଠକରେ ବନ ଅଧିକାରୀ ଓ ଅନ୍ୟମାନେ।

ମାଲକାନଗିରି ଜଲା ସଦର ମହକୁମା ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଖଣ୍ଡୀୟ ବନାଧିକାରୀ ପ୍ରତାପ କତାପାଲ୍ଲୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ କନ୍ଦନ ସିଂ ଓ ଲିଲି ଅମାନାତ୍ୟଙ୍କ ସହ ଜିଲ୍ଲାର ସମସ୍ତ ବନାଞ୍ଚଳ ଅଧିକାରୀ, ବନପାଳ, ବନରକ୍ଷୀ ଉପସ୍ଥିତ ଥିଲେ। ଆଜି ଆମ ଦେଶରେ ପରିବେଶ ପ୍ରଦୂଷଣ ଦେଶବାସୀଙ୍କୁ ରୋଗାଗ୍ରସ୍ତ କରିବା ସହ ଜଳବାୟୁର ପରିବର୍ତ୍ତନ ବିଶ୍ୱବାସୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି। ଜଳବାୟୁ ପରିବର୍ତ୍ତନ ଯୋଗୁଁ କୃଷି କ୍ଷେତ୍ରରେ ବାଧା ଉପୁଜିଛି। ନଦୀ ନାଳ ଶୁଷ୍କ ହେବା ସହ ଭୂତଳ ଜଳସ୍ତର ନିମ୍ନଗାମୀ ଯୋଗୁଁ ଆଗାମୀ ଦିନରେ ପାନୀୟ ଜଳର ଘୋର ଅଭାବ ଦେଖାଦେବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଦେଶରେ ବହୁଳ ପରିମାଣରେ ପ୍ଲାଷ୍ଟିକ ବ୍ୟବହାର ଯୋଗୁଁ ଏହା ପରିବେଶ ଉପରେ କୁପ୍ରଭାବ ପକାଇଛି। ତେଣୁ ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଅଛି ବୋଲି ବନାଧିକାରୀ ଶ୍ରୀ କତାପାଲୀ ପ୍ରକାଶ କରିଛନ୍ତି। କେବଳ ବନ ବିଭାଗ କର୍ମଚାରୀ ଚାହିଁଲେ ଜଙ୍ଗଲର ଅଭିବୃଦ୍ଧି, ଜଙ୍ଗଲ ସୁରକ୍ଷା, ବନ୍ୟଜନ୍ତୁ ସୁରକ୍ଷା ସମ୍ଭବ ନୁହେଁ। ଏଥିପାଇଁ ସମସ୍ତ ନାଗରିକଙ୍କ ଭାଗିଦାରୀର ଆବଶ୍ୟକତା ରହିଛି। ତେଣୁ ସମସ୍ତେ ଆଗେଇ ଆସି ପ୍ଲାଷ୍ଟିକ ବର୍ଜନ କରିବା ସହ ଜନ ସଚେତନତା ସୃଷ୍ଟି କରି ବୃକ୍ଷ ରୋପଣ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବନ ବିଭାଗକର୍ମଚାରୀ ମାନେ ସତିଗୁଡା ପର୍ଯ୍ୟଟନସ୍ଥଳୀ ପରିସରରେ ପଲିଥିଲ ବର୍ଜନ ନିମନ୍ତେ ସଚେତନତା ସୃଷ୍ଟି କରଥିଲେ। ଏହି କାର୍ଯ୍ୟକ୍ରମକୁ ମାଲକାନଗିରି ବନାଞ୍ଚଳ ଅଧିକାରୀ ଜଗନ୍ନାଥ ପ୍ରସାଦ ବିଶୋଇ ପରିଚାଳନା କରିଥିଲେ। ଏହି ଅବସରରେ ମାଲକାନଗିରି ଜିଲ୍ଲାର ୭ଟି ଅନୁଷ୍ଠାନକୁ ସେମାନଙ୍କ ପରିବେଶ ସୁରକ୍ଷାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଭୁବନେଶ୍ୱରଠାରେ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି।

# ବିବାହିତ ପ୍ରେମିକଙ୍କ ଘର ସମ୍ମୁଖରେ ପ୍ରେମିକାଙ୍କ ଧାରଣା

ମାଥିଲି ,୫।୬ (ଡି.ଏନ୍.ଏ)

## ପ୍ରେମ ପ୍ରତାରଣା


ଧାରଣାରେ ବସିଥିବା ରତ୍ନା ପେଦା।

ବିବାହର ପ୍ରତିଶ୍ରୁତି ଦେଇ ଜଣେ ଯୁବତୀଙ୍କୁ ପ୍ରତାରଣା କରାଯାଇଥିବା ଅଭିଯୋଗ ଆସିଛି। ପ୍ରେମିକ ଜଣକ ଯୁବତୀଙ୍କୁ ପ୍ରତାରିତ କରି ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରିଥିବାରୁ ପ୍ରେମିକା ଜଣକ ତାଙ୍କ ଘର ସାମ୍ନାରେ ଧାରଣା ଦେଇଛନ୍ତି। ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ପାତ୍ରଗୁଡା ଗାଁରେ ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି।

ପୋଲିସ ସୂଚନା ଅନୁଯାୟୀ, ପାତ୍ରଗୁଡା ଗାଁର ମହେନ୍ଦ୍ର ଗୁରୁ ଓ ପାଖ ଗାଁ ବିମନପାଲିର ରତ୍ନା ପେଦାଙ୍କ ମଧ୍ୟରେ ଗତ କିଛି ବର୍ଷ ହେଲା ପ୍ରେମ ସମ୍ପର୍କ ଗଢି ଉଠିଥିଲା। ରତ୍ନାଙ୍କୁ ବିବାହ କରିବାର ପ୍ରତିଶ୍ରୁତି ଦେଇ ମହେନ୍ଦ୍ର ତାଙ୍କ ସହିତ ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ। ଗତ କିଛି ଦିନ ତଳେ ମହେନ୍ଦ୍ରଙ୍କ ପରିବାର ପକ୍ଷରୁ ବିବାହ ଆୟୋଜନ କରାଯାଇଥିଲା। ଏ ସମ୍ପର୍କରେ ପ୍ରେମିକା ରତ୍ନା ମହେନ୍ଦ୍ରଙ୍କୁ ପଚାରିବାରୁ ଏଭଳି ଆୟେଜନ ବାହାଘର ପାଇଁ ନୁହେଁ ବରଂ ବ୍ରତଘର ପାଇଁ କରାଯାଉଥିବା କହି ତାଙ୍କୁ ଭୁଲାଇ ଦେଇଥିଲେ। କିଛିଦିନ ତଳେ ହଠାତ ମହେନ୍ଦ୍ର ହିନ୍ଦୁ ରୀତିନୀତି ଅନୁସାରେ ଅନ୍ୟ ଜଣେ ଯୁବତୀଙ୍କୁ ବିବାହ କରି ନୂଆ ସଂସାର ଆରମ୍ଭ କରିଥିଲେ। ଏହି ଖବରପାଇ ରତ୍ନା ପ୍ରେମିକ ମହେନ୍ଦ୍ରଙ୍କ ଘର ଦାଣ୍ଡରେ ଆସି ହାଜର ହୋଇଯାଇଥିଲେ। ବହୁ ସମୟ ଧରି ମହେନ୍ଦ୍ରଙ୍କୁ ଅପେକ୍ଷା କଲା ପରେ ମଧ ସେ ବାହାରକୁ ଆସିନଥିଲେ। ଫଳରେ ରତ୍ନା ବାଧ ହୋଇ ତାଙ୍କ ପରିବାର ସହ ମାଥିଲି ଥାନାକୁ ଯାଇ ମହେନ୍ଦ୍ରଙ୍କ ବିରୋଧରେ ଏତଲା ଦାୟର କରିଛନ୍ତି। ଏ ନେଇ ମାଥିଲି ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇଛି। ପରେ ସଂପୃକ୍ତ ପ୍ରେମିକାଙ୍କ ଡାକ୍ତରୀ ମାଇନା କରାଯିବା ସହ କୋର୍ଟରେ ବୟାନ ରେକର୍ଡ କରାଯାଇଛି। ସେପଟେ ମହେନ୍ଦ୍ରଙ୍କ ସହ ତାଙ୍କ ପରିବାର ଲୋକେ ଫେରାର ହୋଇଯାଇଥିବା ଜଣାପଡିଛି। ଖୁବଶୀଘ୍ର ମହେନ୍ଦ୍ରଙ୍କୁ ଗିରଫ କରାଯିବ ବୋଲି ମାଥିଲି ଥାନା ଆଇଆଇସି ରଞ୍ଜନ କୁମାର ମାଝି କହିଛନ୍ତି।

# ସ୍ୱାଭିମାନ ଅଞ୍ଚଳ ସମସ୍ୟା ପଚାରି ବୁଝିଲେ ଏସ୍‌ଡିସି ଅଧକ୍ଷ



ଏସ୍‌ଡିସି ଅଧକ୍ଷ ପ୍ରଦୀପ ମାଝୀ ଜନପ୍ରତିନିଧିଙ୍କ ସହ ଆଲୋଚନା କରୁଛନ୍ତି।

ଚିତ୍ରକୋଣ୍ଡା,୫।୬ (ଡି.ଏନ୍.ଏ)

ରାଜ୍ୟ ଏସଡିସି ଅଧକ୍ଷ ପ୍ରଦୀପ ମାଝୀ ସୋମବାର ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଗ୍ରସ୍ତ କରି ସ୍ୱାଭିମାନ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିବା ଜଣାଯାଇଛି। ଏହି ଅବସରରେ ଶ୍ରୀ ମାଝୀ ସ୍ୱାଭିମାନ ଅଞ୍ଚଳର ଦୋରାଗୁଡା, ନୂଆଗୁଡା, ଗୁଣ୍ଡାୱା ଟନେଲକ୍ୟାମ୍ପ, କପାଟୁଟି, ପାପୁଲୁର, କୁରୁମାନୁର ଏବଂ ଚିତ୍ରକୋଣ୍ଡା ପଞ୍ଚାୟତ ଅଞ୍ଚଳକୁ ଯାଇ ଜନପ୍ରତିନିଧିଙ୍କ ସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଏହି ସବୁ ଅଞ୍ଚଳର ବିକାଶ ପ୍ରତି ଧ୍ୟାନ ଦିଆଯାଇଉନଥିବାରୁ ସ୍ଥାନୀୟ ଜନପ୍ରତିନିଧି ଏହାକୁ ଅଭିମାନ ଅଞ୍ଚଳ ଭାବେ ନାମିତ କରିଥିବା କୁହାଯାଉଛି। ଗୁଣ୍ଡାୱା ସରପଞ୍ଚ ତ୍ରିନାଥ କିରସାନି, ଦୋରାଗୁଡ଼ା ସରପଞ୍ଚ ଭଗବତୀ ନାୟକ, ନୂଆଗୁଡା ସରପଞ୍ଚ ଶଶୀ ଖିଲଙ୍କ ସମେତ ଚିତ୍ରକୋଣ୍ଡା ସମିତି ସଭ୍ୟ ରାଜକମଲ ପୁରୋହିତ, ଦୋରାଗୁଡା ପଞ୍ଚାୟତ ସମିତି ସଭ୍ୟ ପ୍ରହଲ୍ଲାଦ ଖରା, କପାଟୁଟି ସମିତି ସଭ୍ୟ ନାଗେଶ ଖିଲଙ୍କ ସମେତ ଅନ୍ୟ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଏସଡିସି ଅଧକ୍ଷ ଶ୍ରୀ ମାଝୀଙ୍କୁ ସାକ୍ଷାତ କରି ସ୍ୱାଭିମାନ ଅଞ୍ଚଳର ସମସ୍ୟା ବିଷୟରେ ଜଣାଇବା ସହ ଏହାର ତୁରନ୍ତ ସମାଧାନ ପାଇଁ ଦାବି କରିଥିଲେ। ଶ୍ରୀ ମାଝୀଙ୍କ ଏହି ଗସ୍ତ ସମୟରେ ବିଜେଡି ମାଲକାନଗିରି ଜିଲା ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ବରିଷ୍ଠ ବିଜେଡି କର୍ମୀ ଦେବେନ୍ଦ୍ର ଦାସ ଓ ଶିବ ପ୍ରସାଦ ଖରା ପ୍ରମୁଖ ସାମିଲ ଥିଲେ।

# ଜୁଆ ଆଡ୍ଡାରେ ଚଢ଼ାଉ ବେଳେ ୨ ପୋଲିସ ଆହତ: ୩ ଗିରଫ

ଗୋପାଳପୁର,୫।୬(ଡି.ଏନ.ଏ.)

ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରିବା ବେଳେ ଦୁଇ ପୋଲିସ କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ସୋମବାର ଗୋଳନ୍ଥରା ଥାନା ପୋଲିସ ୩ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଆନ୍ଧ୍ରପ୍ରଦେଶ ରାଜ୍ୟର ଶ୍ରୀକାକୁଲମ ଜିଲା ଇଚ୍ଛାପୁର ଥାନା ଅଧୀନ ପି. ପ୍ରସାଦ ରାଓ (୩୬), କେ ଭିଗେନେସ ରେଡି (୩୦) ଓ ଝାଟିପଦର ଗ୍ରାମର ପି ମୋହନ ରେଡି (୩୦)। ଏହି ଥାନା ଅଧୀନ ଝାଟିପଦର ଗ୍ରାମ ନିକଟରେ ଥିବା ଜଙ୍ଗଲର କିଆବାଡ଼ରେ କିଛି ଦିନ ହେଲା ଜୁଆ ଆଡ୍ଡା ଚାଲିଥିଲା। ଖବର ପାଇ ଗୋଳନ୍ଥରା ପୋଲିସ ଜୁଆ ଆଡ୍ଡା ଉପରେ ଛାପା ମାରିଥିଲା। ତିନିରୁ ଚାରି ଜଣ ଜୁଆଡ଼ି ପୋଲିସ କନଷ୍ଟେବଳ ସଞ୍ଜୀବ ଭୂୟାଁ ଓ ସୁନୀଲ ନାୟକଙ୍କୁ ଆକ୍ରମଣ କରି ଚମ୍ପଟ ମାରିଥିଲା ବେଳେ ଘଟଣାସ୍ଥଳରୁ ତିନି ଜଣଙ୍କୁ ପୋଲିସ କାବୁ କରିଥିଲା। ସେମାନଙ୍କଠାରୁ ଏକ ଲକ୍ଷ ୪୪ ହଜାର ୫ ଶହ ୭୦ ଟଙ୍କା ଜବତ, ୧୦ ନୂଆ ତାସ ପକେଟ, ଚାରୋଟି ବାଇକ ଜବତ ହୋଇଛି। ଏ ନେଇ ନଂ. ୨୬୦/୨୩ରେ ପୋଲିସ ହତ୍ୟା ଉଦ୍ୟମ ମାମଲା ରୁଜୁ କରିଛି।

# ଚିନାବାଦାମ ମଣ୍ଡି ଉଦ୍‌ଘାଟିତ


ଚିନାବାଦାମ ମଣ୍ଡି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଚାଷୀ।

କୁଡୁମୁଲୁଗୁମ୍ମା,୫।୬ (ଡି.ଏନ୍.ଏ)

ମଲେକାନଗିରି ଜିଲା କୁଡୁମୁଲୁଗୁମ୍ମା ସ୍ଥିତ ସମବାୟ ମଣ୍ଡି ପରିସରରେ ସୋମବାର ଚିନାବାଦାମ ମଣ୍ଡି ଉଦଘାଟିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମାଲକାନଗିରି ନାଫେଡ ସଂସ୍ଥାର ସର୍ଭେୟର ଅମୋଲ୍ କୁମାର ଭୂୟାଁ, କୁଡୁମୁଲୁଗୁମ୍ମା ଲ୍ୟାମ୍ପ ପରିଚାଳକ ରମେଶ ଚନ୍ଦ୍ର ରାଉତ, ଆରଏମସି ଆନାଲାଇଜର ଧବଲୁ କୁମ୍ଭେ, ଲ୍ୟାମ୍ପ ସଦସ୍ୟ ହେମନ୍ତ କୁମାର ଦାସ, ଭଗବାନ ସାହୁ ଓ ଗଣେଶ ପୁଜାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଘ୍ନରାଜ ଗଣେଶଙ୍କୁ ଧୂପ, ଦୀପ ଦେଇ ପୂଜାର୍ଚ୍ଚନା କରାଯାଇଥିଲା। ପରେ ସମବାୟ ଲ୍ୟାମ୍ପ ତରଫରୁ ଚାଷୀମାନଙ୍କଠାରୁ ଚିନାବାଦାମ କ୍ରୟ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବାଦାମ ବିକ୍ରି ପାଇଁ ସୋମବାର ୩୦ ଜଣ ଚାଷୀ ସେମାନଙ୍କ ନାମ ପଞ୍ଜିକୃତ କରିଥିବା ବେଳେ ପାଖାପାଖି ୨୬୦ କୁଇଣ୍ଟାଲରୁ ଉର୍ଦ୍ଧ୍ୱ ଚିନାବାଦାମ ମଣ୍ଡିକୁ ବିକ୍ରୟ ପାଇଁ ଆଣିଥିବା ଜଣାପଡିଛି।

# ଜଙ୍ଗଲ ସୁରକ୍ଷା, ଚାରାରୋପଣ ନେଇ ଗୁରୁତ୍ୱ

ନବରଙ୍ଗପୁର,୫।୬(ବି.ପ୍ର.)



ଅତିଥିଙ୍କ ସହ ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିବା ବ୍ୟକ୍ତିମାନେ।

ନବରଙ୍ଗପୁର ଚରକ ବନ ପରିସରରେ ବନ ବିଭାଗ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଛି। ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ଯୋଗଦେଇଥିଲେ। ଆମ ପରିବେଶ ସୁରକ୍ଷା ଆମ ହାତରେ ରହିଛି, ଜଙ୍ଗଲ ସୁରକ୍ଷା ସହ ଚାରାରୋପଣ ଉପରେ ଗୁରୁତ୍ୱ ଦିଆଯାଇଛି। ଜଙ୍ଗଲ କ୍ଷୟ ବାୟୁମଣ୍ଡଳ ଓ ମୃତ୍ତିକା ଉପରେ ମଧ ପ୍ରଭାବ ପକାଉଛି। ଏ ନେଇ ସମସ୍ତେ ପରିବେଶ ପ୍ରତି ସଚେତନ ହେବାକୁ ପଡ଼ିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥିଭାବେ ଜିଲାପାଳ କମଳ ଲୋଚନ ମିଶ୍ର ଯୋଗଦେଇ ପରିବେଶ ସୁରକ୍ଷା ସମସ୍ତଙ୍କ କର୍ତ୍ତବ୍ୟ ବୋଲି କହିଥିଲେ। ପ୍ରତ୍ୟେକ ବ୍ୟକ୍ତି ସପ୍ତାହରେ ଗୋଟିଏ ଗଛ ଲଗାଇଲେ ବର୍ଷକରେ ୪୮ ଗଛ ଲଗାଯାଇ ପାରିବ ବୋଲି କହିଛନ୍ତି। ପ୍ଲାଷ୍ଟିକ୍ ପରିବେଶ ପାଇଁ କ୍ଷତିକାରକ। ତେଣୁ ପ୍ଲାଷ୍ଟିକ୍ ବ୍ୟବହାର କମାଇବାକୁ ଜିଲାପାଳ ପରାମର୍ଶ ଦେବା ସହ ନିଜେ ପ୍ଲାଷ୍ଟିକ ବୋତଲରେ ପାଣି ପିଇବା ଛାଡି ଦେଇଥିବା କହିଥିଲେ। ସହକାରୀ ବନ ସଂରକ୍ଷକ ଧନୁର୍ଯ୍ୟୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଡିଏଫଓ ପ୍ରଶନ୍ନ କୁମାର ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଭିଏସ୍ ଅଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ସବୁତ ଓ ବନ୍ୟଜନ୍ତୁ ସୁରକ୍ଷା କର୍ମୀ ଭକ୍ତଚନ୍ଦ ନାୟକ ମଞ୍ଚାସୀନ ଥିଲେ। ଏହି ଅବସରରେ ଜିଲାର ୧୦ ଜଣଙ୍କୁ ପ୍ରକୃତି ବନ୍ଧୁ ସମ୍ମାନରେ ପୁରସ୍କୃତ କରାଯିବା ସହ ଅତିଥି ୧୦ ହଜାର ଟଙ୍କା ଲେଖାଏ ଚେକ ପ୍ରଦାନ କରିଛନ୍ତି। ଚନ୍ଦାହାଣ୍ଡିର ଦିଲ୍ଲୀପ ଦାସ, ଡାବୁଗାଁର ରଞ୍ଜନ ବେହେରା, ଝରିଗାଁର ସୁନ୍ଦର ମାଝି, କୋଷାଗୁମୁଡ଼ାର ସନ୍ତୋଷ ଷଡଙ୍ଗୀ, ନବରଙ୍ଗପୁରର ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ନନ୍ଦାହାଣ୍ଡିର ହେମନ୍ତ ଆମନାତ୍ୟ, ପାପଡାହାଣ୍ଡିର ରଘୁନାଥ ପ୍ରସାଦ ହାତୀ, ରାଇଘରର ରାମ ଭତରା, ତେନ୍ତୁଳିଖୁଣ୍ଟିର ଜଗବନ୍ଧୁ ବିଶୋଇ ଓ ଉମରକୋଟର ସରୋଜ ଭାତରାଙ୍କୁ ଏହି ସମ୍ମାନ ମିଳିଛି।

# ଛାତ୍ରୀ ନିଖୋଜ ଅଭିଯୋଗ

ଗୋପାଳପୁର,୫।୬(ଡି.ଏନ.ଏ.)

ସରକାରୀ ମହାବିଦ୍ୟାଳୟର ତୃତୀୟ ବର୍ଷର ଛାତ୍ରୀ ନିଖୋଜ ହୋଇଥିବା ନେଇ ଗୋପାଳପୁର ଥାନାରେ ସୋମବାର ଅଭିଯୋଗ ହୋଇଛି। ଏହି ଥାନା ଅଧିନ ଶୀତଳାପୁଲ୍ଲୀ ସ୍ଥିତ ପାରଳା ମହାରାଜା ଯାନ୍ତ୍ରିକ ମହାବିଦ୍ୟାଳୟର ପ୍ରିୟଙ୍କା ପ୍ରଧାନ ଇଲେକ୍ଟ୍ରିକାଲ ବିଭାଗର ତୃତୀୟ ବର୍ଷର ଛାତ୍ରୀଥିଲେ। ସେ ଦ୍ୱିତୀୟ ବର୍ଷ ଛାତ୍ରୀ ଆବାସରେ ରହୁଥିଲେ। ରବିବାର ହଠାତ ମହାବିଦ୍ୟାଳୟରୁ ନିଖୋଜ ହୋଇପଡିଥିଲେ। ଏ ନେଇ ହଷ୍ଟେଲ ୱାର୍ଡେନ ଗୋପାଳପୁର ଥାନାରେ ଅଭିଯୋଗ କାରିଥିଲେ। ପୋଲିସ ନଂ. ୩୯/୨୩ରେ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରିୟଙ୍କା ରହୁଥିବା ରୁମରୁ ଏକ ହାତ ଲେଖା ଚିଠି ପୋଲିସ ଜବତ କରିଛି। ମୁ ନିଜ ଗୋଡ଼ରେ ଛିଡା ହେବି ମୋତେ କେହି ଖୋଜନ୍ତୁ ନାହିଁ ବୋଲି ଉଲେଖ ରହିଛି।

# କାଳବୈଶାଖୀ ତାଣ୍ଡବ: ଉପୁଡ଼ିଲା ଗଛ, ଭାଙ୍ଗିଲା ଘର

ପୋଟେରୁ, ୫।୬(ଡି.ଏନ.ଏ)

ମାଲକାନଗିରି ଜିଲା କାଲିମେଲା ବ୍ଲକ୍ ପୋଟେରୁ ଅଞ୍ଚଳର କିଛି ସ୍ଥାନରେ ସୋମବାର ଅପରାହ୍ନରେ କାଳବୈଶାଖୀର କରାଳ ରୂପ ଦେଖିବାକୁ ମିଳିଛି। ଝଡ଼ ତୋଫାନ ଯୋଗୁ ପୋଟେରୁ ସ୍ଥିତ ଗୁମୁକା ପଞ୍ଚାୟତର ଗୁମକାଗୁଡ଼ା ଗ୍ରାମର ପଦିଆ ମାଡ଼କାମୀଙ୍କ ଘର ଉପରେ ଏକ ବିରାଟ କେନ୍ଦୁ ଗଛ ଭାଙ୍ଗି ପଡ଼ିବାରୁ ଘରଟି ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ତେବେ ଏହି ସମୟରେ ଘର ଭିତରେ ଥିବା ପଦିଆଙ୍କ ପରିବାର ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିବା ସୂଚନା ମିଳିଛି। ସେହିପରି ଏମ୍‌ଭି-୬୪ ଗ୍ରାମରେ ମଧ ଝଡ଼ ତୋଫାନ ଯୋଗୁ ଗଛ ଭାଙ୍ଗି କିଛି ଘର ଉପରେ ପଡ଼ିଥିବା ଜଣାପଡ଼ିଛି। ତେବେ ଖବରପାଇ କାଲିମେଲା ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଗଛଗୁଡ଼ିକ କାଟିଥିବା ଜଣାପଡ଼ିଛି।



ଗୁମକାଗୁଡ଼ା ଗ୍ରାମରେ ଘର ଉପରେ ଭାଙ୍ଗି ପଡ଼ିଥିବା ଗଛ।

# ଏତଲା ଦେବାର ୬ ମାସ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ

କୁନ୍ଦୁରା ୫।୬ (ଡି.ଏନ.ଏ) :

## ମୃତକଙ୍କ ବ୍ୟାଙ୍କ ଖାତାରୁ ଟଙ୍କା ଗାଏବ ଘଟଣା

କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ବରଗାଁ ଗ୍ରାମର ଜଣେ ମୃତ ବୃଦ୍ଧଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଅବୈଧ ଭାବେ ଟଙ୍କା ଉଠାଣ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ମୃତ ବୃଦ୍ଧଙ୍କ ପତ୍ନୀ କୌଶଲ୍ୟା ଗୌଡ଼ ବୈପାରୀଗୁଡା ଥାନାରେ ଗତ ୬ ମାସ ତଳେ ଅଭିଯୋଗ କରିଥିଲେ ବି ଘଟଣାର କିଛି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି।

ସୂଚନା ଯୋଗ୍ୟ ଯେ, ମସିଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବରଗାଁ ଗ୍ରାମର ସ୍ୱର୍ଗତ ହରି ଗୌଡ଼ଙ୍କର ଦିଗାପୁର ଉତ୍କଳ ଗ୍ରାମ୍ୟ ବ୍ୟାଙ୍କରେ ଏକ ସଞ୍ଚୟ ଜମା ଖାତା ନମ୍ବର -୮୪୦୨୧୦୧୬୦୭୯ ରହିଛି। ଉକ୍ତ ଜମା ଖାତାରେ ହରି ଗୌଡ଼ଙ୍କର ନାଁରେ କାଳିଆ ଯୋଜନାରେ ସରକାରଙ୍କ ଦ୍ୱାରା ମିଳୁଥିବା ସହାୟତା ଟଙ୍କା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କିସ୍ତି ଟଙ୍କା ଓ ମନରେଗା କାର୍ଯ୍ୟର ମଜୁରୀ ଟଙ୍କା ଜମା ହୋଇଥିଲା। ତେବେ ଗତ ୨୦୧୯-୨୦ ଆର୍ଥିକ ବର୍ଷରେ ହରି ଗୌଡ଼ଙ୍କୁ ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହ ମଞ୍ଜୁର ହୋଇଥିଲା। ଆବାସ ଯୋଜନାରେ ଛାତ ପକାଇବା ଭିତରେ ହଠାତ ହରି ଗୌଡ଼ଙ୍କର ମୃତ୍ୟୁ ହୋଇଥିଲା। ହରିଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ କୌଶଲ୍ୟା ଉତ୍କଳ ଗ୍ରାମ୍ୟ ବ୍ୟାଙ୍କକୁ ଯାଇ ସ୍ୱାମୀଙ୍କ ଜମା ଖାତାରୁ ଟଙ୍କା ଉଠାଣ କରିବା ପାଇଁ ଶାଖା ପରିଚାଳକଙ୍କୁ ଅନୁରୋଧ କରିଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ହରି ଗୌଡ଼ଙ୍କ ଜମା ଖାତାକୁ ନିଜ ପାଖରେ ରଖି ଟଙ୍କା ଉଠାଣ ପାଇଁ ଆବଶ୍ୟକୀୟ କାଗଜପତ୍ର ଓ ମୃତ୍ୟୁ ପ୍ରଣାମପତ୍ର ଆଣିବାକୁ କହି ସେମାନଙ୍କୁ ଫେରାଇ ଦେଇଥିବା କୌଶଲ୍ୟା ଅଭିଯୋଗ କରିଛନ୍ତି। ତେବେ ହରି ଗୌଡ଼ଙ୍କ ଖାତା ଜିମା ଦେବା ସମୟରେ ଆକାଉଣ୍ଟରେ କେତେ ଟଙ୍କା ଥିଲା କୌଶଲ୍ୟା କି ତାଙ୍କ ପୁଅ କର୍ଣ୍ଣ ଗୌଡ ଜାଣି ନ ଥିବା ସେ କହିଛନ୍ତି। କିନ୍ତୁ ହଠାତ ଦିନେ ବ୍ୟାଙ୍କ କର୍ତ୍ତୃପକ୍ଷ ଖବର ଦେଲେ ଯେ, ହରି ଗୌଡ଼ଙ୍କ ଜମା ଖାତାରୁ ଏକାଧିକ ଥର ଟଙ୍କା ଉଠାଣ ହୋଇଛି। ମୃତକଙ୍କ ନାମରେ ଖାତା ଥିବାବେଳେ କିପରି କିଏ ଟଙ୍କା ଉଠାଇଲେ ବୋଲି କୌଶଲ୍ୟା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ପ୍ରଶ୍ନ କରିଥିଲେ ମଧ ଏ ସମ୍ପର୍କରେ ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇପାରିନଥିବା ସେ କହିଛନ୍ତି। ପରେ କୌଶଲ୍ୟା ବୈପାରୀଗୁଡ଼ା ଥାନାରେ ଅଭିଯୋଗ କରିବାରୁ ପୋଲିସ ଏ ନେଇ ଏକ ମାମଲା ନଂ (୧୨/୦୬) ରୁଜୁ କରିଥିଲା। ଏଥିସହ ଘଟଣାର ତଦନ୍ତ କରାଯାଇ ଖୁବ୍‌ଶୀଘ୍ର ଅଭିଯୁକ୍ତକୁ ଗିରଫ କରାଯିବା ସହ ଉଚିତ ଦଣ୍ଡ ଦିଆଯିବ ବୋଲି ବୈପାରୀଗୁଡା ଡିଏସ୍‌ପି ବିରଞ୍ଚି ନାରାୟଣ ଜଗତ ବୃଦ୍ଧାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଘଟଣାର ୬ ମାସ ବିତିଥିଲେ ମଧ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟନୁଷ୍ଠାନ ନିଆଯାଉନଥିବାରୁ ବୃଦ୍ଧା କୌଶଲ୍ୟା ଘଟଣା ବିଷୟରେ 'ସାଥୀ' ନାମକ ଏକ ସ୍ଥାନୀୟ ସାମାଜିକ ସଂଗଠନର କାର୍ଯ୍ୟକର୍ତ୍ତାଙ୍କୁ ଜଣାଇଥିଲେ। ସଂଗଠନର କାର୍ଯ୍ୟକର୍ତ୍ତା ଏ ସମ୍ପର୍କରେ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର ଓ ଚେୟାରମ୍ୟାନଙ୍କୁ ମେଲ୍ ମାଧ୍ୟମରେ ଜଣାଇବା ସହ ବୈପାରୀଗୁଡା ଥାନାରେ ପୁନର୍ବାର ଅଭିଯୋଗ କରିଛନ୍ତି।

ଅନ୍ୟପକ୍ଷେ ହରି ଗୌଡ଼ଙ୍କ ମୃତ୍ୟୁ ପରେ ପୂର୍ବତନ ପିଇଓ, ପୂର୍ବତନ ଜିଆରଏସ୍ ଓ ସହଜ ସେବକେନ୍ଦ୍ର ତଥା କିଓସ୍କ ବ୍ୟାଙ୍କ କର୍ମଚାରୀ ଘରକୁ ଆସି ମୃତ ହରି ଓ କୌଶଲ୍ୟାଙ୍କ ବ୍ୟାଙ୍କ ପାସବୁକ୍‌ର ନକଲ, ଆଧାର କାର୍ଡର ନକଲ ଓ ଅନ୍ୟ ଆବଶ୍ୟକୀୟ କାଗଜପତ୍ର ନେଇଥିବା କୌଶଲ୍ୟା ଅଭିଯୋଗ କରିଛନ୍ତି। ଏବେ ଟଙ୍କା ନଥିବାରୁ କୌଶଲ୍ୟା ଗୌଡ଼ଙ୍କ ଆବାସ ଯୋଜନାରେ ମିଳିଥିବା ଘର ନିର୍ମାଣ ଅଧପନ୍ତରିଆ ହୋଇ ପଡିଛି। ତେବେ କେବଳ ହରି ଗୌଡ଼ଙ୍କ ଟଙ୍କା ଆତ୍ମସାତ ଘଟଣା ନୁହେଁ, ମସିଗାଁ ପଞ୍ଚାୟତରେ ଗତ ୨୦୧୮ରୁ ୨୦୨୧ ସୁଦ୍ଧା ଆବାସ ଯୋଜନରେ ଅନେକ ଗରିବ ଲୋକ ହନ୍ତସନ୍ତ ହେଉଥିବା ଅଭିଯୋଗ ଆସିଛି। ଏହି ଘଟଣାର ଯଦି ସଠିକ କାର୍ଯ୍ୟାନୁଷ୍ଠାନ ହୁଅନ୍ତା ତେବେ ବହୁତ ଲୋକ ଉପକୃତ ହୁଅନ୍ତେ ବୋଲି ସ୍ୱେଚ୍ଛାସେବୀ ସଂଗଠନର ସଭାପତି ଟୁଲୁ ରଥ, ଉପ ସଭାପତି ଜିତେନ୍ଦ୍ର ପାଣିଗ୍ରାହୀ କହିଛନ୍ତି।

## ସଂକ୍ଷେପରେ

### ଯୁବକଙ୍କ ଆତ୍ମହତ୍ୟା

ଗୁଣୁପୁର, ୫।୬(ଡି.ଏନ.ଏ ) - ଜଣେ ଯୁବକ ରବିବାର ବିଳମ୍ବିତ ରାତିରେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି । ଗୁଣପୁର ବ୍ଲକ ଅଫିସ ନିକଟ କେନ୍ଦୁ ସାହିରେ ଏମ. କିଷ୍ଟା (୨୧) ଘରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ପରିବାର ଲୋକ ସୋମବାର ସକାଳେ ଦେଖିଥିଲେ । ଏ ନେଇ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରିଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ ଆରମ୍ଭ କରିଛି। ତେବେ ଏମ. କିଷ୍ଟା କେଉଁ କାରଣରୁ ଆତ୍ମହତ୍ୟା କରିଛନ୍ତି ତାହା ଜଣା ପଡ଼ିନାହିଁ ।

### ବାଳକ ନିଖୋଜ, ଥାନାର ଦ୍ୱାରସ୍ଥ ପରିବାର ଲୋକେ

ଗୁଣପୁର,୫।୬(ଡି. ଏନ. ଏ): ରାୟଗଡ଼ା ଜିଲ୍ଲା ରାମନାଗୁଡା ବ୍ଲକ ଲିମାପଦର ଗ୍ରାମର ଜଣେ ୧୪ ବର୍ଷୀୟ ବାଳକ ଗତ ୩ ହେଲା ନିଖୋଜ ଥିବା ନେଇ ଗୁଣପୁର ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁଯାୟୀ, ଲିମାପଦର ଗ୍ରାମ ନିକଟସ୍ଥ ବିନୋଦ ନଗର ଅଞ୍ଚଳର ହାଡ଼ିପା ସୁରେଶଙ୍କ ପୁଅ ଶୁଭମ ହାଡ଼ିପ୍ପା ଗତ ୨ ତାରିଖଠାରୁ ନିଖୋଜ ଥିବା ଅଭିଯୋଗ



ହୋଇଛି । ସେ ଘରୁ ୧୨ ଟା ସମୟରେ ଶିବରାମ ପୁର ସ୍ଥିତ ନିଜ ମାମୁଘର ଗାଁ ଘଟ ପର୍ବ ଦେଖିବାକୁ ଯାଇଥିଲେ। ସେଠାରୁ ସେ କେଉଁଆଡେ ଚାଲିଯାଇଛନ୍ତି ।ସମସ୍ତ ସମ୍ପର୍କୀୟଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ପୁଅର କୌଣସି ପତ୍ତା ମିଳୁନି ବୋଲି ସୁରେଶ ଥାନାରେ ଏତଲା ଦେଇଛନ୍ତି। ତେବେ ନିଖୋଜ ଶୁଭମ ତାଙ୍କ ୨ ଭଉଣୀ ସହ ବିନୋଦ ନଗର ଗ୍ରାମରେ ଜେଜେମାଙ୍କ ନିକଟରେ ରହି ପାଠ ପଢୁଥିଲେ। ବାପା ସୁରେଶ ଏବଂ ମା ଦାଦନ ଶ୍ରମିକ ଭାବେ ତାମିଲନାଡୁରେ ରହୁଥିଲେ। ଖବରପାଇବା ପରେ ସୋମବାର ଗୁଣପୁର ଆସି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଗୁଣପୁର ଥାନାରେ ନଂ ୮୮/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରାଯାଇଛି ବୋଲି ଆଦର୍ଶ ଥାନାଧିକାରୀ ନିଳାମ୍ବର ଜାନୀ ସୂଚନା ଦେଇଛନ୍ତି।

### ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ



ମୁନିଗୁଡ଼ା, ୫।୬ (ଡି.ଏନ୍.ଏ)- ରାୟଗଡ଼ା ଜିଲ୍ଲା ମୁନିଗୁଡ଼ା ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସଫେଇ ଓ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋମବାର ସକାଳ ୮ଟାରେ ମୁନିଗୁଡ଼ା ବନଖଣ୍ଡ ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ମୁନିଗୁଡ଼ା ବନାଞ୍ଚଳ ଅଧିକାରୀ ପ୍ରସନ୍ନ କୁମାର ମିଶ୍ରଙ୍କ ସଭାପତିତ୍ୱ ଓ ବନପାଳ ପ୍ରମୋଦିନୀ ମାଣ୍ଡିଙ୍ଗୀଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଷମକଟକ ଜେଏମଏଫସି କୋର୍ଟର ନ୍ୟାୟାଧିଶ ଅଶ୍ୱିନୀ କୁମାର ସାହୁ ମୁଖ୍ୟ ଅତିଥି, ତହସିଲଦାର ଅନାମିକା ପାଣ୍ଡେ ଓ ସରପଞ୍ଚ ସରସ୍ୱତୀ ଶବର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ସହଭାଗୀ ଅନୁଷ୍ଠାନ ମୁନିଗୁଡ଼ା ବିକାଶ ପରିଷଦ,ପ୍ରେସ କ୍ଲବ, ବଜରଙ୍ଗ ଦଳ ଏବଂ ବ୍ୟବସାୟିକ ସଂଘ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଜଙ୍ଗଲ ଧ୍ୱଂସ ଯୋଗୁଁ ଅସମୟରେ ବନ୍ୟା, ବାତ୍ୟା ଓ ଭୂକମ୍ପ ଭଳି ଦୁର୍ବିପାକର ସମ୍ଭାବନା ବଢ଼ି ଚାଲିଛି ବୋଲି ବନାଞ୍ଚଳ ଅଧିକାରୀ ଶ୍ରୀ ମିଶ୍ର କହିଥିଲେ। ମୁଖ୍ୟ ଅତିଥି ନ୍ୟାୟାଧିଶ ଶ୍ରୀ ସାହୁ କହିଥିଲେ ଯେ, ୧୯୭୩ରୁ ଏହି ଦିବସ ପାଳିତ ହୋଇ ଆସୁଥିଲେ ହେଁ, ଯେଉଁଭଳି ଭାବେ ଜନ ସଚେତନତା ସୃଷ୍ଟି ହେବା କଥା ତାହା ହେଉ ନଥିବା ନେଇ ଉଦବେଗ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ତହସିଲଦାର ସୁଶ୍ରୀ ପାଣ୍ଡେ ପ୍ଲାଷ୍ଟିକ ବର୍ଜନ ଉପରେ ଜୋର୍ ଦେବା ସହ ପ୍ରତ୍ୟେକ ମଣିଷ ସାର୍ବଜନୀନ ଜୀବନରେ ପ୍ଲାଷ୍ଟିକଠାରୁ ଦୂରେଇ ରହିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବନାଞ୍ଚଳ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ପରିସର,ମୁନିଗୁଡ଼ା ତହସିଲ ଛକରୁ ବସ ଷ୍ଟାଣ୍ଡ ଛକ ଓ ଶ୍ରୀଜଗନ୍ନାଥ ମନ୍ଦିର ପରିସରକୁ ସଫେଇ କରିବା ସହିତ ପ୍ଲାଷ୍ଟିକ ବର୍ଜନର ସଚେତନତା ବାର୍ତ୍ତା ପ୍ରଚାର କରାଯାଇଥିଲା।

# ପାଣି ପାଇଁ ହାଣ୍ଡି ଧରି ୪ ଗ୍ରାମବାସୀଙ୍କ ପ୍ରତିବାଦ

ଗୁଣପୁର,୫।୬(ଡି.ଏନ.ଏ.)

ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ମଧ୍ୟ ପାଣି ପାଇଁ ଗ୍ରାମାଞ୍ଚଳରେ ହାହାକାର ସ୍ଥିତି ଦେଖାଦେଇଛି। ରାୟଗଡା ଜିଲା ଗୁଣପୁର ବ୍ଲକ ଅଞ୍ଚଳରେ ଲୋକମାନେ ପାଣି ଟୋପାଏ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାନୀୟ ଜଳ ଯୋଗାଣ ଦାବିରେ ଗୁଣପୁର ବ୍ଲକ କୁଲୁସିଂ ପଞ୍ଚାୟତ ଅନ୍ତର୍ଗତ ୪ ଟି ଗ୍ରାମର ଗ୍ରାମବାସୀ ଦୀର୍ଘ ୨୦ରୁ ୩୦ କି.ମି. ଦୂରରୁ ଆସି ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ




ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ହାଣ୍ଡି ଧରି ଗ୍ରାମବାସୀ ପ୍ରତିବାଦ ଜଣାଉଛନ୍ତି।

ପ୍ରତିବାଦ ଜଣାଇଛନ୍ତି।

କୁଲୁସିଂ ପଞ୍ଚାୟତର ଗାଇଲୁଙ୍ଗ, ତଣ୍ଡରଙ୍ଗ, ଆବାସିଂ ଏବଂ ବାସିଡା ଗ୍ରାମର ଦୁର୍ଗମ ପାହାଡିଆ ଅଞ୍ଚଳରେ ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ଲାଞ୍ଜିଆ ସୌରା ଜନଜାତିର ଲୋକ ରହି ଆସୁଛନ୍ତି। ଦୀର୍ଘବର୍ଷ ହେଲା ସେମାନଙ୍କ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଲାଗି ରହିଛି । ଏ ସମ୍ପର୍କରେ ବିଡିଓଙ୍କ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ଜଳଯୋଗାଣର ବିଭାଗୀୟ ଯନ୍ତ୍ରୀଙ୍କୁ ଅବଗତ କରିଥିଲେ ମଧ୍ୟ ସମସ୍ୟା ସମାଧାନ ପରିବର୍ତ୍ତେ ଖାଲି ପ୍ରତିଶ୍ରୁତି ପ୍ରଦାନ ମଧ୍ୟରେ ସିମିତ ରହିଯାଇଛି। ଏପରି ସ୍ଥିତିରେ ପାଣି ପାଇଁ ସେମାନଙ୍କୁ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି । ଗ୍ରାମରେ ନଳକୂପ ରହିଥିଲେ ମଧ୍ୟ ଖରାଦିନେ ସେଥିରୁ ପାଣି ବାହାରୁ ନାହିଁ । ଫଳରେ ସେମାନଙ୍କୁ ଗ୍ରାମଠାରୁ ୨ରୁ ୩ କିମି ଦୂରକୁ ଯାଇ ଝରଣାର ଅପରିଷ୍କାର ଜଳ ଆଣି ବ୍ୟବହାର କରିବାକୁ ପଡୁଛି। ଦୂଷିତ ପାଣି ପିଇ ଲୋକେ ବିଭିନ୍ନ ପ୍ରକାର ରୋଗରେ ଆକ୍ରାନ୍ତ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ତେଣୁ ସମସ୍ୟାର ଗମ୍ଭିରତାକୁ ଦୃଷ୍ଟିରେ ରଖି ସମସ୍ୟାର ସମାଧାନ ପାଇଁ ଗ୍ରାମବସୀଙ୍କ ପକ୍ଷରୁ ଦାବି ହୋଇଛି।

# ୫୮ ଅଭିଯୋଗ ଶୁଣିଲେ ଜିଲାପାଳ




ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି ।

ରାୟଗଡ଼ା ଅଫିସ,୫।୬

ରାୟଗଡ଼ା ଜିଲା ପ୍ରଶାସନ ପକ୍ଷରୁ ସୋମବାର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି କରାଯାଇଥିଲା। ଏଥିରେ ଜିଲାପାଳ ସ୍ୱାଧାଦେବ ସିଂ, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରବିନାରାୟଣ ତ୍ରିପାଠୀଙ୍କ ସହ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏଥିରେ ୫୮ ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୫୦ ବ୍ୟକ୍ତିଗତ ଏବଂ ୮ ଗ୍ରାମବାସୀଙ୍କର ଥିଲା ।

**ପିଇବା ପାଣି ନାହିଁ ଲୋକେ ହନ୍ତସନ୍ତ**

ଅଭିଯୋଗଗୁଡ଼ିକର ତୁରନ୍ତ ନେଇ ସମାଧାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଭିଯୋଗ ଶୁଣାଣିରେ ପିଇବା ପାଣି ଏବଂ ଲୋକେ ବସିବା ସ୍ଥାନରେ ଫ୍ୟାନ୍ ନ ଥିବାରୁ ଖରାରେ ଦୂରଦୂରାନ୍ତରୁ ଆସିଥିବା ବୟସ୍କ, ବୃଦ୍ଧାବୃଦ୍ଧମାନେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ବାହାରେ ଘଣ୍ଟା ଘଣ୍ଟା ଧରି ଲୋକେ ଅପେକ୍ଷା କରିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା।

# ଇମ୍ଫାରେ ବିଶ୍ୱ ପରିବେଶ ଦିବସ ପାଳିତ

ରାୟଗଡ଼ା ଅଫିସ,୫।୬

ରାୟଗଡ଼ା ଜିଲା ଥେରୁବାଲିସ୍ଥିତ ଇମ୍ଫା କାରଖାନା ପରିସରରେ ୫୧ତମ ବିଶ୍ୱ ପରିବେଶ ଦିବସ ସୋମବାର ପାଳିତ ହୋଇଯାଇଛି। ରାୟଗଡ଼ା ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ସହଯୋଗ ଏବଂ ଇମ୍ଫା ଉପ ସଭାପତି ଆଶିଷ କୁମାର ରାୟଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାୟଗଡ଼ା ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ଆଞ୍ଚଳିକ ଅଧିକାରୀ ରିପୁ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସହକାରୀ ଯନ୍ତ୍ରୀ ପ୍ରଭୁଦେବ ବେହେରା ଓ ଗୁଣବତ୍ତା ଅଧିକାରୀ ଗୌରୀ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିମାନେ ଯୋଗଦେଇ ପ୍ଲାଷ୍ଟିକର ବ୍ୟବହାର ଦ୍ୱାରା କିଭଳି ମନୁଷ୍ୟ ଜୀବନ ପ୍ରଭାବିତ ଓ ପ୍ରଦୂଷିତ ହେଉଛି ଓ ତା'ର ନିରାକରଣ ବିଷୟରେ ଉପସ୍ଥିତ କର୍ମଚାରୀଙ୍କୁ ସଚେତନ କରାଇଥିଲେ। ଇମ୍ଫା ଉପ ସଭାପତି ରାୟ କାର୍ଯ୍ୟକ୍ରମରେ ଯୋଗଦେଇ ପ୍ଲାଷ୍ଟିକ ଆମକୁ ମାରିବା ପୂର୍ବରୁ ଆମେ ପ୍ଲାଷ୍ଟିକକୁ ମାରିବାକୁ ହେବ ବୋଲି ମତ ଦେଇଥିଲେ।

ଜୁନ ୧ରୁ ୫ ଦିନ ବ୍ୟାପୀ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ଇମ୍ଫାର ସମସ୍ତ କର୍ମଚାରୀ,ଠିକାଦାର କର୍ମଚାରୀମାନଙ୍କ ପାଇଁ ବିଭିନ୍ନ ପରିବେଶଭିତ୍ତିକ ସଚେତନତା କାର୍ଯ୍ୟକ୍ରମ ଯଥା ଜଳ ସଂରକ୍ଷଣ,ବିଦ୍ୟୁତ୍ ଶକ୍ତି ସଂରକ୍ଷଣ, ପ୍ଲାଷ୍ଟିକର ବ୍ୟବହାର ଓ ପରିବେଶ ସୁରକ୍ଷା ଆଦି ଉପରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଓ ଅତିଥିମାନେ ପ୍ରଶଂସା କରିଥିଲେ। ଇମ୍ଫା ଦ୍ୱାରା ପରିବେଶ ସୁରକ୍ଷା ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପକୁ ମଧ୍ୟ ପ୍ରଶଂସା କରିଥିଲେ। ଏହି ଦିବସରେ ଅତିଥି ଓ କର୍ମଚାରୀ ଚାରାରୋପଣ କରିଥିଲେ। କାର୍ଯ୍ୟକ୍ରମରେ କାର୍ମିକ ଓ ପ୍ରଶାସନିକ ବିଭଗ ଉପମୁଖ୍ୟ ପ୍ରବନ୍ଧକ କଲୋଲ କୁମାର ନାୟକ ସ୍ୱାଗତ ଭାଷଣ ଦେଇଥିବା ବେଳେ କାର୍ଯ୍ୟକ୍ରମକୁ ଯୌଥ ଭାବେ ଇମ୍ଫା ଗୁଣବତ୍ତା ବିଭାଗର ଉପ ମହା ପ୍ରବନ୍ଧକ ଦିନେଶ କୁମାର ମହାନ୍ତି ସଂଯୋଜନା କରିଥିଲେ।




ପରିବେଶ ଦିବସରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ସମସ୍ତ ସରକାରୀ କାର୍ଯ୍ୟାଳୟ ହେବ ପଲିଥିନମୁକ୍ତ

ଗୁଡ଼ାରୀ, ୫।୬ (ଡି.ଏନ୍.ଏ.)

ବିଶ୍ୱ ପରିବେଶ ଦିବସ ଅବସରରେ ଗୁଡ଼ାରିର ସରକାରୀ କାର୍ଯ୍ୟାଳୟରେ ପଲିଥିନମୁକ୍ତ ଅଭିଯାନ ଆରମ୍ଭ ହୋଇଥିଲା। ସ୍ଥାନୀୟ ବନ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଏହି ପଲିଥିନ ମୁକ୍ତ ଅଭିଯାନ ଆରମ୍ଭ କରାଯାଇଥିଲା। ବ୍ଲକରେ ସମସ୍ତ ଅଧିକାରୀ, କର୍ମଚାରୀ, ୟୁଥ୍ ଫର୍ ଚେଞ୍ଜ ସଦସ୍ୟ ଓ ସାଧାରଣ ଜନତା ପ୍ରଥମେ ବାହନଗାରେ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଉଦ୍ଦେଶ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ। ଡେପୁଟି ରେଞ୍ଜର ଗଙ୍ଗାଧର ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅଭିଯାନରେ ବ୍ଲକ, ଥାନା ପରିସର, ଅଗ୍ନିଶମ କାର୍ଯ୍ୟାଳୟ, ଆଇସିଡିଏସ୍ କାର୍ଯ୍ୟାଳୟ, ଏନ୍‌ଏସି ପରିସର ଓ ବନ ବିଭାଗ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ପଲିଥିନ ମୁକ୍ତ କରାଯାଇଥିଲା। ଗୁଡ଼ାରିର ସମସ୍ତ ସରକାରୀ କାର୍ଯ୍ୟାଳୟକୁ ସମ୍ପୂର୍ଣ୍ଣ ପଲିଥିନମୁକ୍ତ କରାଯିବ। କାର୍ଯ୍ୟକ୍ରମରେ ସାମିଲ ହେବାପାଇଁ ରେଞ୍ଜର ଅଞ୍ଚଳବାସୀଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ବିଡିଓ ଅନିଶା ଦାସ, ତହସିଲଦାର ଭାରତୀ ଦେବୀ, ଅତିରିକ୍ତ ତହସିଲଦାର ହୃଷୀକେଶ ପଣ୍ଡା, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ମୁରଲୀ କୃଷ୍ଣ ପଣ୍ଡାଙ୍କ ସମେତ ସମସ୍ତ ସରକାରୀ କର୍ମଚାରୀ ସାମିଲ ହୋଇଥିଲେ। ପରିବର୍ତ୍ତିତ ପାଣିପାଗରୁ ବିଶ୍ୱକୁ ମୁକ୍ତ କରିବା ପାଇଁ ଚାରାରୋପଣ ସାଙ୍ଗକୁ ପରିବେଶକୁ ସମ୍ପୂର୍ଣ୍ଣ ପଲିଥିନମୁକ୍ତ କରିବା ଆବଶ୍ୟକ ବୋଲି ବିଡିଓ କହିଥିଲେ। ସେହିପରି ତହସିଲଦାର ଦୈନନ୍ଦିନ ଜୀବନରେ ପଲିଥିନ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦେବା ସହ ଏଥିରେ ସମସ୍ତେ ସାମିଲ ହେବା ପାଇଁ ସହରବାସୀଙ୍କୁ କହିଥିଲେ। କାର୍ଯ୍ୟକ୍ରମରେ ବନ ବିଭାଗ କର୍ମଚାରୀ ଓ ଅଗ୍ନିଶମ ବିଭାଗ କର୍ମଚାରୀ ସହଯୋଗ କରିଥିଲେ।

# ରେଳ ଦୁର୍ଘଟଣା କ୍ଷତିଗ୍ରସ୍ତଙ୍କ ପାଇଁ ୨୫ହଜାର ଦେଲେ ଶିକ୍ଷକ



ଅତିରିକ୍ତ ଜିଲାପାଳଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ଶିକ୍ଷକ ରାମଚନ୍ଦ୍ର ସେନାପତି ।

ରାୟଗଡ଼ା ଅଫିସ,୫।୬

ରାୟଗଡ଼ା ଜିଲା ମଙ୍ଗଳ ବିଭାଗରେ କାର୍ଯ୍ୟରତ ସହକାରୀ ଶିକ୍ଷକ ରାମଚନ୍ଦ୍ର ସେନାପତି ରାୟଗଡ଼ା ବ୍ଲକ ତାଡ଼ ମା ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ସେ ବାଲେଶ୍ୱର ଜିଲା ବାହାନଗାରେ ରେଳ ଦୁର୍ଘଟଣାରେ ମୃତକଙ୍କ ଲାଗି ୨୫ହଜାର ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି । ସୋମବାର ସ୍ଥାନୀୟ ଡିଆର୍‌ଡିଏ କାର୍ଯ୍ୟାଳୟଠାରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣି ବେଳେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କୁ ଚେକ୍ ପ୍ରଦାନ କରିଛନ୍ତି ।

# ଶଟର ତାଡ଼ି ଲୁଟ୍ : ସହରରେ ବଢୁଛି ଚୋରି, ଟେର୍ ପାଉନି ପୋଲିସ

ରାୟଗଡ଼ା ଅଫିସ,୫।୬

ରାୟଗଡ଼ା ସହରରେ ଚୋରି, ଲୁଟ୍ କମୁନାହିଁ। କେବେ କେବେ ମନ୍ଦିର ହୁଣ୍ଡିରୁ ତ କେବେ କାହା ଘରେ ପୁଣି କେବେ ମାର୍କେଟ କମ୍ପଲେକ୍ସରୁ ଚୋରି ହେଉଛି। ସହରରେ ସିସିଟିଭି ଉଦ୍‌ଘାଟନ ପରେ ମଧ୍ୟ କମୁନାହିଁ ଚୋରି। ଏଥିଯୋଗୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ସନ୍ତୋଷ କୁମାର ଇପିଲିଙ୍କ ଗ୍ରୋସରି ଦୋକାନରୁ ଶଟର ତାଡି କାଉଣ୍ଟର ଭାଙ୍ଗି ୮୫ ହଜାର ଟଙ୍କା ଏବଂ ୬ ଗ୍ରାମ୍‌ର ଗୋଟିଏ ସୁନାମୁଦି ଚୋରିକରି ନେଇଛନ୍ତି। ସନ୍ତୋଷ ଏନେଇ ରାୟଗଡା ଟାଉନ ଥାନାରେ ଏତଲା ଦେବା ପରେ ଡଗ୍ ସ୍କ୍ୱାଡ୍ ଓ ଅନ୍ୟ ଅଧିକାରୀମାନେ ତଦନ୍ତ କରିଛନ୍ତି। ବାରମ୍ବାର ଏପରି ଘଟୁଥିବାରୁ ମୁଖ୍ୟ ବଜାର ସହ ଡେଲି ମାର୍କେଟର ସମସ୍ତ ଦୋକାନ ମାଲିକ ବଜାର ବନ୍ଦ କରି ରାୟଗଡ଼ା ଟାଉନ ଥାନା ଏବଂ ଜିଲାପାଳଙ୍କ ପାଖରେ ଲିଖିତ ଅଭିଯୋଗ ଦେଇଛନ୍ତି। ଗତ ୧୫ ଦିନ ତଳେ ମଧ୍ୟ ଡେଲି ମାର୍କେଟରେ ଚୋରି ହୋଇଥିଲା। ଘଟଣାକୁ ରୋକିବାକୁ ଡେଲି ମାର୍କେଟରେ ଏକ ପୋଲିସ ଫାଣ୍ଡିର ପ୍ରତିଷ୍ଠା ସହ ରାତିରେ ପୋଲିସ ଡିଉଟି ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ଡେଲି ମାର୍କେଟରେ ସିସିଟିଭିର ବ୍ୟବସ୍ଥା ପାଇଁ ଦାବି କରାଯାଇଛି। ରାୟଗଡ଼ା ଡେଲି ମାର୍କେଟର କେ.ବୈକୁଣ୍ଠ, ଗୁଡଲା ଗୌରୀ ଓ ବାବୁଲା ମିଶ୍ରଙ୍କ ସମେତ ବହୁ ଦୋକାନ ମାଲିକ ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି।

# ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି



ଅଭିଯୋଗ ଶୁଣାଣି କରାଯାଉଛି ।

ଗୁଡ଼ାରି,୫।୬(ଡି.ଏନ.ଏ.)

ପ୍ରଶାସନର ଗାଁକୁ ଚାଲ କାର୍ଯ୍ୟକ୍ରମରେ ଅସ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ବିଡିଓ ଅନିଶା ଦାସଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶୁଣାଣିରେ ସରପଞ୍ଚ ସୁଦାମ ଶବର ଏବଂ ବ୍ଲକର ସମସ୍ତ ଲାଇନ୍ ଅଫିସର ଉପସ୍ଥିତ ଥିଲେ। ଶିବିରରେ ୧୪୩ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏହି ଅଭିଯୋଗରେ ଅଧିକାଂଶ ଆବାସ ଯୋଜନାରେ ସାମିଲ କରାଯିବାକୁ ଦିଆଯାଇଥିଲା। ବିଡିଓ ଅଭିଯୋଗଗୁଡ଼ିକୁ ଦେଖିଲା ପରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଅସ ପଞ୍ଚାୟତର ବିଭିନ୍ନ ଗାଁରୁ ଆସିଥିବା ଲୋକମାନେ ଶିବିରରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଜୁନରୁ ଆରମ୍ଭ ହୋଇ ଅଗଷ୍ଟ ମାସର ପ୍ରତି ସୋମବାର ପର୍ଯ୍ୟାୟକ୍ରମେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ବ୍ଲକର ସମସ୍ତ ପଞ୍ଚାୟତରେ ଅନୁଷ୍ଠିତ ହେବ। ପଞ୍ଚାୟତସ୍ତରରେ ପ୍ରଶାସନ ପହଞ୍ଚି ସମସ୍ତ ଅଭିଯୋଗ ବିଷୟରେ ଆଲୋଚନା କରାଯିବ ବୋଲି ବିଡିଓ କହିଥିଲେ।

# ଅସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ ପାଇଁ ଉଦ୍ୟମ

ରାୟଗଡ଼ା,(ସ୍ୱ.ପ୍ର.)/ ରାୟଗଡ଼ା ଅଫିସ, ୫।୬

**୫-ଟି ସଚିବଙ୍କ ଗସ୍ତକୁ ନେଇ ଚିନ୍ତାରେ ପ୍ରଶାସନିକ ଅଧିକାରୀ**

ରାୟଗଡ଼ା ଜିଲାକୁ ୭ ଓ ୮ତାରିଖରେ ଗସ୍ତରେ ଆସୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ। ସଚିବ ପାଣ୍ଡିଆନଙ୍କ ଗସ୍ତକୁ ନେଇ ଜିଲା ପ୍ରଶାସନଠାରୁ ଆରମ୍ଭକରି ସମସ୍ତ ଅଧିକାରୀ ଓ କର୍ମଚାରୀ ଅସମ୍ପୂର୍ଣ୍ଣ କାର୍ଯ୍ୟ ଶେଷ କରିବାକୁ ବ୍ୟସ୍ତଥିବା ଦେଖିବାକୁ ମିଳିଛି। ଜିଲାପାଳଙ୍କ କାର୍ଯ୍ୟାଳୟରେ ବହୁଦିନ ଧରି ଅନାବନା ଗଛଲତା ଉଠିଥିବା ବେଳେ ଏହାକୁ କେବେ ସଫା କରାଯାଇ ନ ଥିଲା। ହେଲେ ୫-ଟି ସଚିବଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ କାର୍ଯ୍ୟାଳୟକୁ ସଫା କରିବାରେ ଲାଗିଛନ୍ତି କର୍ମଚାରୀ । ଦୀର୍ଘଦିନରୁ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବା ସର୍କିଟ ହାଉସ୍‌କୁ ମଧ୍ୟ ଚୂନ ମାରି ନୂତନ ରୂପ ଦେବା ପାଇଁ କାମ ଚାଲିଥିବା ଦେଖିବାକୁ ମିଳିଛି। ୫-ଟି ସଚିବ କାଶୀପୁର, ଗୁଣପୁର ଓ ବିଷମକଟକ ବ୍ଲକ ଗସ୍ତକରି ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିବାକୁ ଥିବାରୁ ଏହି ୩ଟି ବ୍ଲକରେ ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ତରବରିଆ ଭାବେ ସମ୍ପୂର୍ଣ୍ଣ କରିବାରେ ବ୍ୟସ୍ତ ରହିଛନ୍ତି ଅଧିକାରୀମାନେ।

ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଥିବା ବେଳେ ଅଭିଯୋଗ ପ୍ରକୋଷ୍ଠରେ ଅଧିକ ସମୟ ରହି ନ ଥିଲେ ଜିଲାପାଳ ଓ ଏସ୍‌ପି। ଖବର ନେବାରେ ଜଣାପଡ଼ିଛି, ବିଷମକଟକ ବ୍ଲକର ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିବା ପାଇଁ ଯାଇଥିବା ସୂଚନା ମିଳିଥିଲା। ବିଷମକଟକ ବ୍ଲକରେ ୮ ତାରିଖ ସକାଳ ୮ଟା ୧୫ ଠାରୁ ୧୦ଟା ୫୦ ପର୍ଯ୍ୟନ୍ତ ୫-ଟି ସଚିବ ରହି ଚାଟିକୋଣା ଶୈବପୀଠଠାରୁ ଆରମ୍ଭକରି ଡଙ୍ଗରିଆ କନ୍ଧଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କାର୍ଯ୍ୟକ୍ରମ ଥିବା ଜଣାପଡ଼ିଛି । ଫଳରେ ୫-ଟି ସଚିବଙ୍କ ଏହି ଗସ୍ତକୁ ନେଇ ଜିଲା ପ୍ରଶାସନଠାରୁ ଆରମ୍ଭକରି ବ୍ଲକ ପ୍ରଶାସନ ସମସ୍ତଙ୍କ ନିକଟରେ ତତ୍ପରତା ପ୍ରକାଶ ପାଇଛି ।

# ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିପ୍ରସ୍ତର

ବିଷମକଟକ,୫।୬

ଉନ୍ନତମାନର ରୋଗୀ ସେବା ଯୋଗାଇବା ପାଇଁ ରାୟଗଡ଼ା ଜିଲା ବିଷମ କଟକ ବ୍ଲକରେ ଆଉ ଏକ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୯ କୋଟିରୁ ଊର୍ଦ୍ଧ୍ୱ ଅନୁଦାନ ରାଶି ରାଜ୍ୟ ସରକାର ମଞ୍ଜୁର କରିଛନ୍ତି। ବିଷମ କଟକ ବ୍ଲକ ଅନ୍ତର୍ଗତ ଛାଞ୍ଚଡ଼ାଗୁଡ଼ା ମୌଜାରେ ଏହି ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ହେବ। ସୋମବାର ଅନୁସୂଚିତ ଜନଜାତି ଓ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ



ଆଇନମନ୍ତ୍ରୀ ଜଗନ୍ନାଥ ସାରକା ଓ ଅନ୍ୟମାନେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତି ପ୍ରସ୍ତର ସ୍ଥାପନ କରୁଛନ୍ତି ।

ରାଜ୍ୟ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଉପଦେଷ୍ଟା ତଥା ଜିଲା ବିଜେଡି ସଭାପତି ସୁଧୀର କୁମାର ଦାସ ଓ ପୃଥିବୀ ରାଜ ସାହ ଦେଇଥିବା ବେଳେ ବିଷମ କଟକ ସମିତି ଅଧ୍ୟକ୍ଷା ଯଶୋଦା ହୁଇକା, ସମିତି ଉପାଧ୍ୟକ୍ଷା ଦେବୀ ପ୍ରସାଦ ପଟ୍ଟନାୟକ, ଜିଲା ପରିଷଦ ସଭ୍ୟା ସୁଜାତା କାଡ୍ରାକା, ଛାଞ୍ଚଡାଗୁଡ଼ା ସରପଞ୍ଚ ଚଞ୍ଚଳା ୱାଡାକା, ପୂର୍ବତନ ବ୍ଲକ ଉପାଦକ୍ଷ ଦିଲୀପ ପଟ୍ଟନାୟକଙ୍କ ସମେତ ବିଜେଡିର ବହୁ କର୍ମୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# ରାୟଗଡ଼ାରୁ ହଜ୍ ଯାତ୍ରା କଲେ ୯ ଜଣ

ରାୟଗଡ଼ା,୫।୬(ସ୍ୱ.ପ୍ର.)

ରାୟଗଡ଼ା ଜିଲାରୁ ୯ଜଣ ବ୍ୟକ୍ତି ହଜ୍ ଯାତ୍ରା କରିଥିବା ସୂଚନା ମିଳିଛି। ରାୟଗଡ଼ାରୁ ମୁସଲମାନ ସମ୍ପ୍ରଦାୟର ୫ଜଣ ପୁରୁଷ ଓ ୪ ଜଣ ମହିଳା ସାଉଦି ଆରବର ପବିତ୍ର ସ୍ଥାନ ହଜ୍ ଯାତ୍ରା ନିମନ୍ତେ ସୋମବାର ପୂର୍ବାହ୍ନ ୧୧ଟାରେ ରାୟଗଡ଼ା ରେଳ ଷ୍ଟେଶନରୁ ସମଲେଶ୍ୱରୀ ଟ୍ରେନ୍‌ରେ କୋଲକାତା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ସେମାନେ ହେଲେ ଏସ୍.କେ.ମଜହର ଅଲି, ମହମ୍ମଦ ସଫି, ମହୁନ୍ଦିନ, ଅଲି ହାଇଦର, ସିକାଲି ଖାତୁନ୍, ହସିନା ବେଗମ୍, ସାଖାଜାମିନ ବେଗମ୍ ଓ ରୋସନ ବାଈ। କୋଲକାତାରେ ପହଞ୍ଚି ସେଠାରେ ୨ଦିନ ୱାକଫ୍ ବୋର୍ଡଠାରୁ ଯାତ୍ରା ଓ ଅନ୍ୟାନ୍ୟ ନୀତି ନିୟମ ବିଷୟରେ ତାଲିମ ନେଇ ୯ତାରିଖରେ କୋଲାକାତା ଏୟାରପୋର୍ଟରୁ ମକ୍କା ମଦିନାକୁ ଯାତ୍ରା କରିବେ ବୋଲି ଜଣାପଡ଼ିଛି ।




ହଜ୍ ଯାତ୍ରାରେ ବାହାରିଥିବା ଯାତ୍ରୀ ।

# ହେଉନି ପଦୋନ୍ନତି, ଶିକ୍ଷକ ସଂଘ ଜିଲାପାଳଙ୍କ ଦ୍ୱାରସ୍ଥ

ରାୟଗଡ଼ା ଅଫିସ,୫।୬

ରାୟଗଡ଼ା ଜିଲା ଶିକ୍ଷା ବିଭାଗ ଅବ୍ୟବସ୍ଥାରେ ଚାଲିଛି ଶିକ୍ଷକଙ୍କ ପଦୋନ୍ନତି ହୋଇପାରୁନାହିଁ। ଫଳରେ ଶିକ୍ଷକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବାଧ୍ୟ ହୋଇ ଶିକ୍ଷକମାନେ ସୋମବାର ଡିଆର୍‌ଡିଏ ସଭାଗୃହରେ ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଛନ୍ତି। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ଏପ୍ରିଲ ୨୦ଠାରୁ ମେ ୩୧ ମଧ୍ୟରେ ଶିକ୍ଷକ ତାଲିକା ଅନୁମୋଦନ କରାଇ ପଦୋନ୍ନତି ଦେବା ନିମନ୍ତେ ନିର୍ଦ୍ଦେଶ ରହିଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଅଭିଯୋଗ ପତ୍ର ଗ୍ରହଣ କରିବା ପରେ



ଜିଲା ଶିକ୍ଷାଧିକାରୀଙ୍କ ସହ ଆଲୋଚନା କରିଥିଲେ। ବାରମ୍ବାର ଗ୍ରେଡେଶନ ତାଲିକା ଭୁଲ୍ ହେବା ଓ ଇତିମଧ୍ୟରେ ଅନେକ ଶିକ୍ଷକ ବିନା ପଦୋନ୍ନତିରେ ଅବସର ନେଇଥିବାରୁ ଏଥିପାଇଁ ଜିଲା ଶିକ୍ଷାଧିକାରୀଙ୍କୁ ଦାୟୀ କରାଯାଇଛି। ସରକାରଙ୍କ ପରିବର୍ତ୍ତିତ ଗାଇଡ୍‌ଲାଇନ ଯୋଗୁ ଗ୍ରେଡେଶନ ତାଲିକାରେ ତ୍ରୁଟି ପରିଲକ୍ଷିତ ହେବା ଓ ବିଳମ୍ବ ହୋଇଥିବା ଜିଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି। ଆସନ୍ତା ୭ ଦିନ ମଧ୍ୟରେ ପଦୋନ୍ନତି ପ୍ରକ୍ରିୟା ଶେଷହେବ ବୋଲି ବରିହା କହିଛନ୍ତି ।

## ସଂକ୍ଷେପରେ

### ୨ ସ୍ଥାନରେ ରକ୍ତଦାନ ଶିବିର

ଜୟପୁର ୫।୬ (ନି.ପ୍ର.)- ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାରଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମର ଯୁଗ୍ମ ସମ୍ପାଦକ ଚନ୍ଦ୍ର ଶେଖର ରଥ ଏବଂ ତାଙ୍କ ପୁଅ ନିରାକାର ରଥଙ୍କ ଉଦ୍ୟମରେହୋଇଥିବା ଏହି ଶିବିରରେ ୨୨ଜଣ ଯୁବକ ରକ୍ତଦାନ କରିଥିଲେ । ଆଶିଷ କୁମାର ସାହୁ, ଆକାଶ ସାହୁ, ଗୋପାଳ ଚନ୍ଦ୍ର ପ୍ରଧାନ, ଅଙ୍କୁଶ ପଟ୍ଟନାୟକ, ଦେବାଶିଷ ସାହୁ, ଏସକେ ଫରଜାନ, ଆଲୋକ ପଣ୍ଡା, ଆଲୋକ ପାଢ଼ୀ, ଲୋକନାଥ ଖେମୁଣ୍ଡୁ, ଭି. କିରନଙ୍କ ସମେତ ଅନ୍ୟମାନେ ରକ୍ତଦାନ କରିଥିଲେ। ସେହିପରି ଜୟପୁର ରଜାନହରସ୍ଥିତ ଏସଆର ମଲ୍‌ରେ ସୋମବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ମଲ୍‌ର ସୁବାସ ରାଉତ ପ୍ରଥମେ ରକ୍ତଦାନ କରି ଶିବିରକୁ ଶୁଭାରମ୍ଭ କରିଥିଲ । ଶିବିରରୁ ୧୧୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାର୍ତ୍ତିକ ରାଉତ, ଜୟପୁର ରକ୍ତଭଣ୍ଡାରର ଡାକ୍ତର ଅକ୍ଷୟ ସାହୁ, ଲ୍ୟାବ ଟେକନସିଆନ ସରୋଜ ସ୍ୱାଇଁ, ପ୍ରତିଭା ପାତ୍ର, ସୋନାଲି ସାହୁ, ଅଭୟ ପଣ୍ଡା ସହଯୋଗ କରିଥିଲେ।

### ବିଶ୍ୱ ପରିବେଶ ଦିବସ ପାଳିଲା ଟି.ପି . ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିମିଟେଡ

ଜୟପୁର,୫।୬ (ନି.ପ୍ର.)- ବିଶ୍ୱ ପରିବେଶ ଦିବସ ଅବସରରେ ଟାଟା ପାୱାର ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିମିଟେଡ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ରୂପେ ଟି.ପି . ଦକ୍ଷିଣାଞ୍ଚଳ ଓଡ଼ିଶା ବିତରଣ ଲିମିଟେଡର ଡିଜିଏମ୍ ମନ୍ମଥ ନାଥ ମିଶ୍ର ଯୋଗଦେଇ ପରିବେଶ ସୁରକ୍ଷାରେ ବୃକ୍ଷର ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସେ ପ୍ରତ୍ୟେକ ବିଦ୍ୟୁତ୍ କର୍ମଚାରୀଙ୍କୁ ନିଜ କାର୍ଯ୍ୟ କ୍ଷେତ୍ରରେ ଓ ଘରେ ପ୍ଲାଷ୍ଟିକର ଶୂନ୍ୟ ବ୍ୟବହାର କରିବ ଲାଗି ପରାମର୍ଶ ଦେଇଥିଲେ। ସୁରକ୍ଷା ଅଧିକାରୀ ପ୍ରମୋଦ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମକୁ ସନ୍ତୋଷ ମହାନ୍ତି, ସୌମ୍ୟ ରଞ୍ଜନ ଲେଙ୍କା ଓ ସୁଜିତ୍ ସ୍ୱାଇଁ ପରିଚାଳନା କରିଥିଲେ। ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ, ବଶ୍ୱଜିତ୍ ମେଣ୍ଡୁଲି,ପରିମଳ ପଲ,ରାଜେଶ ସାହୁ, ସନ୍ଦିପ ପଟ୍ଟନାୟକ, ଜି. ରାଜ ଶେଖର, ରଶ୍ମି ରଞ୍ଜନ ସାହୁଙ୍କ ସମେତ ଅନ୍ୟମାନେ ଚାରା ରୋପଣ କରିଥିଲେ।

### ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି




ଜୟପୁର ୫।୬ (ନି.ପ୍ର.)- ଜୟପୁର ବ୍ଲକ ଅନ୍ତର୍ଗତ ରାଣୀଗଡଠାରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଓ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଛି । ଏଥିରେ ବିଡିଓ ରାଜୀବ ଦାସ, ଜିପିଓ ପ୍ରଶାନ୍ତ ମିଶ୍ର, ସରପଞ୍ଚ, ସମିତି ସଭ୍ୟା, କନିଷ୍ଠ ଯନ୍ତ୍ରୀ, ପିଇଓ, ଜିଆର୍‌ଏସ୍ ସ୍ୱାସ୍ଥ୍ୟ ବିଭାଗ, ଆଇସିଡିଏସ୍, ହଟିକଲଚର, କୃଷି ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଆସିଥିବା ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ।

# ଅତୀତର କ୍ଷତିଭରଣା କରିବାର ବେଳ ଆସିଛି

**ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ**

- ପ୍ଲାଷ୍ଟିକ ପ୍ରଦୂଷଣ ରୋକିବାକୁ ନେଲେ ଶପଥ
- ଜିଲାର ୨ ଜଣଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର
- ପରିବେଶ ସୁରକ୍ଷା ନେଇ ଦସ୍ତଖତ ସଂଗ୍ରହ ଅଭିଯାନ




ଉତ୍ସବରେ ଉପସ୍ଥିତ ଅତିଥିମାନେ।

କୋରାପୁଟ,୫।୬ (ସ୍ୱ.ପ୍ର.)

କୋରାପୁଟସ୍ଥିତ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ସମ୍ମିଳନୀ କକ୍ଷରେ ସୋମବାର ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ବନ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସକାଳେ ସ୍ଥାନୀୟ ବନ ଉପଖଣ୍ଡ କାର୍ଯ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ପରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ କୋଟସ୍‌ର ନିର୍ଦ୍ଦେଶକ ଡ. ପି.ସି. ମହାପାତ୍ର ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ବର୍ତ୍ତମାନ ପ୍ରଦୂଷଣ, ବ୍ୟାପକ ଭାବେ ଗଛକଟା ଯୋଗୁ ପରିବେଶ ସନ୍ତୁଳନ ବିଗିଡ଼ିଯାଇଛି। ଏହାର ପରିଣାମ ସମସ୍ତଙ୍କୁ ଭୋଗ କରିବାକୁ ପଡୁଛି। ଅସହ୍ୟ ତାତିରେ ପୃଥିବୀବାସୀ ସନ୍ତୁଳିତ ହେଉଛନ୍ତି। ଏବେ ପରିବେଶକୁ ସୁରକ୍ଷା ଦେଇ ଅତୀତର କ୍ଷତିଭରଣା କରିବାର ବେଳ ଆସିଛି। ଏଥିପାଇଁ ସମସ୍ତେ ସମ୍ମିଳିତ ଭାବେ କାର୍ଯ୍ୟକରିବା ଲାଗି ଡ. ମହାପାତ୍ର ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଡିଏଭି କଲେଜର ପୂର୍ବତନ ପ୍ରଫେସର ନାରାୟଣ ପଣ୍ଡା, ଶିକ୍ଷାବିତ୍ ପଦ୍ମା ଶାସ୍ତ୍ରୀ, ବନ୍ୟଜନ୍ତୁ ବିଭାଗର ୱାଡେନ ରମାନାଥ ସାହୁ ପ୍ରମୁଖ ଯୋଗଦେଇ ପରିବେଶକୁ ସୁରକ୍ଷା ରଖିବା ପାଇଁ ପ୍ଲାଷ୍ଟିକ ପ୍ରଦୂଷଣକୁ ରୋକିବା ନିହାତି ଆବଶ୍ୟକ, ଏଥିପାଇଁ ସମସ୍ତେ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଉତ୍ସବରେ ଉପସ୍ଥିତ ଛାତ୍ରାଛାତ୍ର, ବୁଦ୍ଧିଜୀବୀ, ବନ କର୍ମଚାରୀ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ଲାଗି ସମସ୍ତେ ଶପଥ ନେଇଥିଲେ । ଜିଲାର ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ସେମିଳିଗୁଡ଼ାର ନିକୁଞ୍ଜ କିଶୋର ସାମଲ ଓ କୁନ୍ଦୁରାର ପ୍ରଦୀପ ମହାନ୍ତିଙ୍କୁ ମୁଖ୍ୟ ଅତିଥି ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରିଥିଲେ । ପୁରସ୍କାର ବାବଦରେ ପ୍ରତ୍ୟେକଙ୍କୁ ପ୍ରମାଣପତ୍ର ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । ସୂଚନାଯୋଗ୍ୟ, ଚଳିତ ବର୍ଷ କୋରାପୁଟ ଜିଲା ସେମିଳିଗୁଡ଼ାର ଆଡମଣ୍ଡା ଗ୍ରାମସଭା ଓ ପଟ୍ଟାଙ୍ଗି ବ୍ଲକ ଚମ୍ପାକେନ୍ଦା ଗ୍ରାମସଭାକୁ ରାଜ୍ୟସ୍ତରରେ ପ୍ରକୃତି ମିତ୍ର ପୁରସ୍କାର ମିଳିଛି। ଏହି ଅବସରରେ ଏଠାରେ ବିଭିନ୍ନ ଔଷଧୀୟ ବୃକ୍ଷର ପ୍ରଦର୍ଶନୀ କରାଯିବା ସହ ପରିବେଶ ସୁରକ୍ଷା ନେଇ ଏକ ଦସ୍ତଖତ ସଂଗ୍ରହ ଅଭିଯାନ ଆୟୋଜିତ ହୋଇଥିଲା । ଉତ୍ସବକୁ ସେମିଳିଗୁଡ଼ା ରେଞ୍ଜ ଅଧିକାରୀ ତିରୁପତି ପଣ୍ଡା ପରିଚାଳନା କରିଥିଲେ ।

# ପରିବେଶ ସୁରକ୍ଷିତ ରହିଲେ ବନ୍ୟଜନ୍ତୁ, ମଣିଷ ସୁରକ୍ଷିତ ରହିବେ

ସେମିଳିଗୁଡ଼ା/ସୁନାବେଡ଼ା,୫।୬(ସ୍ୱ.ପ୍ର.)

ମାଳି ପର୍ବତ ସୁରକ୍ଷା ସମିତି ଓ ଜନ ଆନ୍ଦୋଳନ ସମନ୍ୱୟ ସମିତି ପକ୍ଷରୁ ସୋମବାର ପାଳିତ ହୋଇଛି ବିଶ୍ୱ ପରିବେଶ ଦିବସ। ସେମିଳିଗୁଡ଼ା ବ୍ଲକ ଦଳେଇଗୁଡ଼ା ପଞ୍ଚାୟତ ବାଙ୍ଗୁରୁଗୁଡ଼ା ଗ୍ରାମ ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବିଭକ୍ତ କୋରାପୁଟ ଜିଲାର ୧୨ଟି ସଙ୍ଗଠନର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ। ମାଳି ପର୍ବତ ସୁରକ୍ଷା ସମିତିର ସମସ୍ତ ସଦସ୍ୟ ବିଭିନ୍ନ ପ୍ରକାର ଫଳଗଛ ଲଗାଇଥିଲେ। ଆଗାମୀ ଦିନରେ ମାଳି ପର୍ବତ ଓ ଏହାର ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ସମସ୍ତେ ଯତ୍ନବାନ୍ ହେବା ଆବଶ୍ୟକ ବୋଲି ସମିତିର ସଭାପତି ବିଜୟ ଖିଲ ପରାମର୍ଶ ଦେଇଥିଲେ। ଏହି ଅବସରରେ ସେ କହିଥିଲେ, ପରିବେଶ ଓ ମଣିଷ ଉଭୟ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ତେଣୁ ପରିବେଶ ସୁରକ୍ଷିତ ରହିଲେ ମଣିଷ ସୁରକ୍ଷିତ ରହିବ। ବନ୍ୟଜନ୍ତୁ ମଧ୍ୟ ସୁରକ୍ଷିତ ରହିବେ। ମଣିଷ ନିଜର ସ୍ୱାର୍ଥ ପାଇଁ ପ୍ରତିଦିନ ହଜାର ହଜାର ଗଛ କାଟି ଜଙ୍ଗଲ ପଦା କରିଦେଉଛି। ଏହାଦ୍ୱାରା ଜଙ୍ଗଲରେ ରହୁଥିବା ବନ୍ୟଜନ୍ତୁ ପ୍ରଭାବିତ ହେଉଛନ୍ତି । ଫଳସ୍ୱରୂପ ବନ୍ୟଜନ୍ତୁମାନେ ଜନବସତି ମୁହାଁ ହୋଇ ଲୋକଙ୍କ ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ଜଙ୍ଗଲ କମୁଥିବାରୁ ବର୍ଷା ପରିମାଣ ହ୍ରାସ ହେଉଛି। ଜଳସ୍ତର କମି ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି ସେ କହିଥିଲେ। ଏଥିରେ ଅବିଭକ୍ତ କୋରାପୁଟ ଜିଲାର ମାଲକାନଗିରି ଜିଲା ଆଦିବାସୀ ସଂଘ, ମାଳିପର୍ବତ ସୁରକ୍ଷା ସମିତି, କୋଡ଼ିଗାଁମାଳି ସୁରକ୍ଷା ସମିତି, ନାଗେଶ୍ୱରୀ ମାଳି ପର୍ବତ ସୁରକ୍ଷା ସମିତି, ସେତୁବନ୍ଧ ସୁରକ୍ଷା ସମିତି, ଖଡ଼ିମାଟି ସୁରକ୍ଷା ସମିତି , ସିଞ୍ଜିମାଳି ଓ କୁରୁମାଳି ସୁରକ୍ଷା ସମିତି, କର୍ଣ୍ଣକୁଣ୍ଡା ମାଳି ସୁରକ୍ଷା ସମିତି, ଚାଷୀ ମୂଲିଆ ଆଦିବାସୀ ସଂଘ, ଅଖିଳ ଭାରତୀୟ କିଷାନ ମଜଦୁର ସଂଘ ସହ ହାଲ୍ ବିସ୍ଥାପିତ ସଂଘର ଶତାଧିକ କର୍ମକର୍ତ୍ତା, ମାଳି ପର୍ବତ ପ୍ରଭାବିତ ୪ ପଞ୍ଚାୟତର ପ୍ରାୟ ୪୪ ଖଣ୍ଡ ଗ୍ରାମରୁ ପ୍ରାୟ ୨ ହଜାରରୁ ଊର୍ଦ୍ଧ୍ୱ ମହିଳା ପୁରୁଷ ଉପସ୍ଥିତ ଥିଲେ।



ପରିବେଶ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ସମିତିର କର୍ମକର୍ତ୍ତା ଓ ଜନସାଧାରଣ।

# ମା’ ଭଗବତୀଙ୍କ ନୂତନ ପାର୍ଶ୍ୱ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅବସରରେ କଳସ ଯାତ୍ରା



ବାହାରିଥିବା କଳସ ଶୋଭାଯାତ୍ରା।

ଜୟପୁର ୫।୬ (ନି.ପ୍ର.)

ଜୟପୁରର ନାରାୟଣ ମନ୍ଦିର ସାହିସ୍ଥିତ ଶ୍ରୀ ସଙ୍କଟ ମୋଚନୀ ମହାମାୟୀ ଭଗବତୀଙ୍କ ନୂତନ ପାର୍ଶ୍ୱବିଗ୍ରହ ସହିତ ଦେବୀ ପ୍ରସାଦ ପ୍ରତିଷ୍ଠା ଉତ୍ସବ ନେଇ ସୋମବାର କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ଭଗବତୀ ମନ୍ଦିରରୁ ସତୀନଦୀକୁ ଯାଇ ସେଠାରୁ କଳସରେ ଜଳ ଧରି ଶତାଧିକ ମହିଳା ପୁରୁଷ ମନ୍ଦିରରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ଭଗବତୀଙ୍କ ପାର୍ଶ୍ୱଦେବୀ,ଚକ୍ର ଓ ତ୍ରିଶୂଳକୁ ଅଣାଯାଇଥିଲା। ବିଧାୟକ ତାରାପ୍ରସାଦ ବାହିନୀପତି ମଧ୍ୟ ଏଥିରେ ସାମିଲ ହୋଇଥିଲେ। ମନ୍ଦିରଠାରେ ଜଳ କଳସ ପହଞ୍ଚିବା ପରେ ପ୍ରତିଷ୍ଠାରମ୍ଭ, ବ୍ରାହ୍ମଣ ବରଣ, ମଣ୍ଡଳ ପୂଜା, ପାବତ୍ୟାଗ୍ନି ସ୍ଥାପନ କରାଯାଇଥିଲା। ୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଷ୍ଠା ଉତ୍ସବ ୮ ତାରିଖ ଯାଏ ଚାଲିବ। ୬ରେ ମଣ୍ଡଳ ପୂଜା ନୂତନ ବିଗ୍ରହମାନଙ୍କ ଅଧିବାସ, ନେତ୍ରୋତ୍ସବ, ଘୃତଯଜ୍ଞ, ନାମଯଜ୍ଞାରମ୍ଭ, ଜୀବନ୍ୟାସ, ୭ରେ ମହାସ୍ନାନ, ମଣ୍ଡଳ ପୂଜା, ଘୃତ ଯଜ୍ଞ, ଦେବତା ସ୍ୱସ୍ତିକ ମଣ୍ଡଳେ ଶୟନ, ନାମଯଜ୍ଞାରମ୍ଭ, ଜୀବନ୍ୟାସ, ୮ରେ ପାର୍ଶ୍ୱଦ୍ୱାର, ତ୍ରିଶୁଳ, ଧ୍ୱଜ ସ୍ଥାପନ ଯଜମାନ ପ୍ରତିଷ୍ଠା, ମହାଧ୍ୱଜ ଭ୍ରମଣ ଓ ପୂର୍ଣ୍ଣାହୁତି ହେବାକୁ ସ୍ଥିର ହୋଇଛି। ଗଞ୍ଜାମରୁ ଆସିଥିବା ପଣ୍ଡିତ ଅଶୋକ ପାଢ଼ୀ ସମସ୍ତ ପୂଜା ପାଠ ଦାୟିତ୍ୱ ତୁଲାଉଛନ୍ତି।

# ନିଘାମାନିଗୁଡା ଉଚ୍ଚ ବିଦ୍ୟାଳୟକୁ ରାଜ୍ୟ ପ୍ରକୃତି ମିତ୍ର ପୁରସ୍କାର

କୋରାପୁଟ,୫।୬ (ସ୍ୱ.ପ୍ର.)–

କୋରାପୁଟର ନିଘାମାନିଗୁଡା ଉଚ୍ଚ ବିଦ୍ୟାଳୟକୁ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ସୋମବାରପ୍ରକୃତିମିତ୍ର–୨୦୨୩ପୁରସ୍କାର ପ୍ରଦାନ କରାଯାଇଛି। ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଭୁବନେଶ୍ୱରଠାରେ ଆୟୋଜିତ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟଅତିଥିଭାବେ ରାଜ୍ୟ ଜଙ୍ଗଲ ମନ୍ତ୍ରୀ ପ୍ରଦୀପ ଅମାତ ଯୋଗଦେଇ କୋରାପୁଟର ନିଘାମାନିଗୁଡା ଉଚ୍ଚ ବିଦ୍ୟାଳୟକୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପୁରସ୍କାରକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଆର.ଶିବ କୁମାର ପଟ୍ଟନାୟକ ଗ୍ରହଣ କରିଥିଲେ। ପୁରସ୍କାର ବାବଦରେ ପ୍ରମାଣପତ୍ର ସହ ୨୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି। ଏହି ଅବସରରେ ବିଭାଗୀୟ ଅତିରିକ୍ତ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଦ୍ୟାଳୟକୁ ଏପରି ପୁରସ୍କାର ପ୍ରଦାନ କରାଯାଇଥିବାରୁ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଆନନ୍ଦ ଖେଳିଯାଇଛି।

# ୮୦ ପରିମଳ କର୍ମଚାରୀଙ୍କୁ ପରିଚୟ ପତ୍ର

ଜୟପୁର ୫।୬ (ନି.ପ୍ର.)

ଜୟପୁର ଟାଉନ ହଲଠାରେ ସୋମବାର ପରିମଳ କର୍ମଚାରୀଙ୍କୁ ପରିଚୟ ପତ୍ର ପ୍ରଦାନ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜୟପୁର ପୌର ପାଳିକା ପକ୍ଷରୁ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଧାୟକ ତାରା ପ୍ରସାଦ ବାହିନୀପତି ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତି, ଉପାଧ୍ୟକ୍ଷ ବି ସୁନିତା, କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ୮୦ ଜଣ ପରିମଳ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିବା ବେଳେ ଆନ୍ୟମାନଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ମିଳିବ ବୋଲି ପୌର ପାଳିକା ପକ୍ଷରୁ କୁହାଯାଇଛି।



କାର୍ଯ୍ୟକ୍ରମରେ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କ ସହ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଇଚ୍ଛାମୃତ୍ୟୁ ନେଇ ରାଷ୍ଟ୍ରପତିଙ୍କ ଅନୁମତି ଲୋଡ଼ିଲେ ଗୃହରକ୍ଷୀ

କୋରାପୁଟ,୫।୬(ସ୍ୱ.ପ୍ର.)

କୋରାପୁଟର ଗୃହରକ୍ଷୀମାନେ ସୋମବାର ଇଚ୍ଛାମୃତ୍ୟୁ ପାଇଁ ରାଷ୍ଟ୍ରପତିଙ୍କ ଅନୁମତି କାମନା କରିଛନ୍ତି। ଭତ୍ତା ବୃଦ୍ଧି ପାଇଁ ଆମେ ଦୀର୍ଘ ଦିନ ହେଲା ଦାବି କରି ଆସୁଥିଲେ ହେଁ ଆମ କଥା କେହି ଶୁଣି ନାହାନ୍ତି। ୨୦୧୬ରେ ଆମେ ଏହି ଦାବି କରି ହାଇକୋର୍ଟ ଏବଂ ସୁପ୍ରିମକୋର୍ଟରେ ରୁଜୁ ମାମଲା କରିଥିଲୁ। ମାନ୍ୟବର ହାଇକୋର୍ଟ ଓ ସୁପ୍ରିକୋର୍ଟ ଆମ ସପକ୍ଷରେ ରାୟ ଦେଇଥିଲେ। ମାତ୍ର ଏହାକୁ ଗୁରୁତ୍ୱ ନ ଦେଇ ପ୍ରଶାସନ ଆମ ପ୍ରତି ବୈମାତୃକ ମନୋଭାବ ପୋଷଣ କରିଆସୁଥିବା ସେମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଲେଖିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। କୋରାପୁଟର ଗୃହରକ୍ଷୀମାନେ ପୂର୍ବରୁ ୯ ହଜାର ଟଙ୍କା ଦରମା ପାଉଥିଲେ। ଏବେ ତାହା ବଢି ୧୨ ହଜାର ଟଙ୍କା ହୋଇଛି। ମାତ୍ର ଏତେ କମ ଦରମାରେ ପରିବାର ଚଳାଇବା ଅତ୍ୟନ୍ତ କଷ୍ଟକର ହୋଇପଡୁଛି ବୋଲି ହୋମାଗାର୍ଡ ପ୍ଲାଟୁନ କମାଣ୍ଡର ନରସିଂହ କମାର କହିଛନ୍ତି। ମାସିକ ଦରମା ୧୬ ହଜାର ପ୍ରଦାନ ପାଇଁ ବାରମ୍ବାର ଆମେ ଦାବି କରି ଆସୁଥିଲେ ହେଁ ଆମ କଥା କେହି ଶୁଣି ନ ଥିବା ସେ ଅଭିଯୋଗ କରିଛନ୍ତି। ଶେଷରେ କୌଣସି ଉପାୟ ନ ପାଇ ଆମେ ଆତ୍ମାହୁତି ଦେବାକୁ ରାଷ୍ଟ୍ରପତିଙ୍କ ସମେତ ମୁଖ୍ୟମନ୍ତ୍ରୀ ଏବଂ ହାଇକୋର୍ଟ ଏବଂ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କୁ ପୋଷ୍ଟାଲ ମାଧ୍ୟମରେ ଅବଗତ କରି ଅନୁମତି ମାଗିଛୁ ବୋଲି ଗୃହରକ୍ଷୀ କୃଷ୍ଣଚନ୍ଦ୍ର ନାୟକ, ପଦ୍ମ ଚରଣ ପାତ୍ର, ପ୍ରବୀଣ ସାହୁ, ଏସ. ଭାସ୍କର ପଟ୍ଟନାୟକ କହିଛନ୍ତି।



ଗୃହରକ୍ଷୀମାନେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପଠାଇଥିବା ଇଚ୍ଛାମୃତ୍ୟୁ ପତ୍ରକୁ ଦେଖାଉଛନ୍ତି।

# ଗ୍ୟାସ୍ ଲିକ୍ ହୋଇ ଦୋକାନ ସାମଗ୍ରୀ ଜଳିଗଲା

ଟିକିଟି,୫।୬(ଡି.ଏନ.ଏ.)

ଟିକିଟି ବ୍ଲକ ଅନ୍ତର୍ଗତ ନୂଆପଡା ଗ୍ରାମର ଖଡୁରା ସାହିରେ ମମତା ନାୟକଙ୍କ ଏକ କିରାଣି ଦୋକାନରେ ସୋମବାର ଗ୍ୟାସ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଛି। ଏଥିରେ ମମତା ଅଳ୍ପକେ ବର୍ତ୍ତିଥିବା ଜଣାପଡିଛି। ମମତା ରୋଷେଇ କରୁଥିବା ସମୟରେ ହଠାତ ସିଲିଣ୍ଡରରୁ ଗ୍ୟାସ ଲିକ୍ ହୋଇ ନିଆଁ ଲାଗିଯାଇଥିଲା। ଅଗ୍ନିକାଣ୍ଡରେ ଦୋକାନରେ ଥିବା ଇନଭେଟର ସମେତ ବିଭିନ୍ନ ସାମଗ୍ରୀ ଜଳିଯାଇଥିଲା। ମମତାଙ୍କ ପାଟି ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଲିଭେଇବାକୁ ଚେଷ୍ଟା କରିଥିଲେ ସୁଦ୍ଧା ନିଆଁକୁ ଆୟତ କରିପାରିନଥିଲେ। ଟିକିଟି ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଛି ।

# ଗଛ ଲଗାଅ, ସାଇକେଲ ଚଲାଅ ବାର୍ତ୍ତା ଦେଲେ

ଜୟପୁର ୫।୬ (ନି.ପ୍ର.)

ବିଶ୍ୱ ପରିବେଶ ଦିବସ ଅବସରରେ ଜୟପୁରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିଡ଼୍ସ ପକ୍ଷରୁ ପରିବେଶ ଦିବସ ଅବସରରେ ଏକ ସଚେତନତା ସାଇକେଲ ଶୋଭାଯାତ୍ରା ସୋମବାର ଅନଷ୍ଠିତ ହୋଇଛି। ଏହି ଶୋଭାଯାତ୍ରାକୁ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସବୁଜ ପତକା ଦେଖାଇ ଶୁଭାରମ୍ଭ କରଥିଲେ। ଜୟପୁର ରଜାନଗରଠାରୁ ଶୋଭାଯାତ୍ରା ବାହାରି ସହରର ପ୍ରତିଟି ୱାର୍ଡ ପରିକ୍ରମା କରି ଜୟନଗର ପାର୍କଠାରେ ଶେଷ ହୋଇଥିଲା। ଶୋଭାଯାତ୍ରା ବେଳେ ଗଛ ଲଗାଇବା, ପରିବେଶକୁ ସଫା ରଖିବା ନିମନ୍ତେ ସାଇକେଲ ଚଲାଇବା ଲାଗି ସ୍ଲୋଗାନ ଦିଆଯାଇଥିଲା।

**ଜୟପୁରରେ ବିଶ୍ୱ ପରିବେଶ ଦିବସ ପାଳିତ**

ସେହିପର ଜୟପୁର ବନାଞ୍ଚଳ ପକ୍ଷରୁ ତେନାଙ୍ଗି ସଂରକ୍ଷିତ ଜଙ୍ଗଲରେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଜଙ୍ଗଲ ଜାତ ବୃକ୍ଷ ସହ ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା। ବନାଞ୍ଚଳ ଅଧିକାରୀ ସଚ୍ଚିଦାନନ୍ଦ ପରିଡାଙ୍କ ନେତୃତ୍ୱରେ ହୋଇଥିବା ଏହି ବୃକ୍ଷରୋପଣରେ ଫରେଷ୍ଟର ରଞ୍ଜିତା ନାୟକ, ଅରୁଣ ଜେନା, ସୁଶୀଳ ମହାନ୍ତି, ଗାର୍ଡ ଗୌତମ ସ୍ୱାଇଁ, ଅନିଲ ଦାସ, ଆମ ଜଙ୍ଗଲ ଯୋଜନାର କର୍ମଚାରୀ, ପାରା ସ୍କାର୍ଡ କର୍ମଚାରୀ ସାମିଲ ହୋଇଥିଲେ।

# କୋଟିଆ ଆଦିବାସୀ ସମାଜ ବିକାଶ ପରିଷଦ ବୈଠକ

କୋରାପୁଟ,୫।୬(ସ୍ୱ.ପ୍ର.)

କୋରାପୁଟ ବ୍ଲକ ଅନ୍ତର୍ଗତ ଗୋପାଳପୁଟଠାରେ କୋଟିଆ ଆଦିବାସୀ ସମାଜ ବିକାଶ ପରିଷଦର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା କୋଟିଆ ଆଦିବାସୀ ସମାଜର ଜିଲା ସଭାପତି ମାଧବ ଦୋରା ଅଧ୍ୟକ୍ଷତା କରିଥିଲେ। ସମାଜର ବିଭିନ୍ନ ସମସ୍ୟା ଓ ତାହାର ସମାଧାନ ଉପରେ ବୈଠକରେ ଆଲୋଚନା ହୋଇଥିଲା। ସ୍ୱାଧୀନତାର ଦୀର୍ଘବର୍ଷ ବିତିଯାଇଥିଲେ ମଧ୍ୟ କୋଟିଆ ଜାତି ଏଯାଏ ଅବହେଳିତ ହୋଇ ରହିଛି। କୋଟିଆ ସମାଜର ବ୍ୟକ୍ତି କିପରି ସବୁକ୍ଷେତ୍ରରେ ଉନ୍ନତି କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ ଏବଂ କୋଟିଆ ପରିବାରର ଗଣନା କରାଯାଇପାରିବ ସେନେଇ ବୈଠକରେ ଆଲୋଚନା ହୋଇ ଆଗାମୀ କାର୍ଯ୍ୟପନ୍ଥା ସ୍ଥିର ହୋଇଥିଲା। ବୈଠକରେ ସଙ୍ଗଠନର ଉପଦେଷ୍ଟା ଧନୁ ନାୟକ, ପୀତବାସ ପାଙ୍ଗି, ଉମ୍ବରୁଧର ଭଣ୍ଡା, ସୋମନାଥ ତାଲାବ, ଦଶମନ୍ତପୁର ବ୍ଲକ ସଭାପତି ପୁରୁଷୋତମ ଗୋଲରି, ସେମିଳିଗୁଡା ବ୍ଲକରୁ ଲକ୍ଷ୍ମଣ ହନ୍ତାଳଙ୍କ ସମେତ ଶତାଧିକ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ରହି ନିଜ ମତ ରଖିଥିଲେ।



ବୈଠକରେ ଉପସ୍ଥିତ ଆଦିବାସୀ ସମାଜ ବିକାଶ ପରିଷଦର କର୍ମକର୍ତ୍ତା ଓ ସଦସ୍ୟମାନେ।

# ଭାରରେ ବୁହାହେଲେ ଗୁରୁତର ରୋଗୀ

- ମନ୍ଥର ଗତିରେ ଚାଲିଛି ଚବେରି ନଦୀ ପୋଲ ନିର୍ମାଣ
- ଗ୍ରାମକୁ ହୋଇପାରୁନି ରାସ୍ତା ନିର୍ମାଣ
- ୨ କୋଟି ୭୭ ଲକ୍ଷ ୮୦ ହଜାର ଟଙ୍କା ହୋଇଛି ବ୍ୟୟ ଅଟକଳ

ଦଶମନ୍ତପୁର,୫।୬ (ଡି.ଏନ୍. ଏ.)

ଅବଧି ଶେଷ ହୋଇଯାଇଥିଲେ ହେଁ ନିର୍ମାଣ କାର୍ଯ୍ୟ ସରୁନାହିଁ ଚବେରି ନଦୀ ଉପରେ ପୋଲ ନିର୍ମାଣ। ଜିଲା ଏବଂ ବ୍ଲକ୍ ପ୍ରଶାସନର ଖାମଖିଆଲ ମନୋଭାବ ଯୋଗୁ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା। ନଦୀ ପାରହୋଇ ଯାତାୟାତ କରି ହେଉଛନ୍ତି ହନ୍ତସନ୍ତ। ଗୁରୁତର ରୋଗୀଙ୍କୁ ଡାକ୍ତରଖାନା ନେବାରେ ଦୋଳା ପାଲଟୁଛି ଭରସା। ଏପରି ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ନନ୍ଦିଗାଁ ପଞ୍ଚାୟତର ମଧୁବିଶାଳୀ ଗ୍ରାମରେ।

ଏହି ଗ୍ରାମର ଟୈଳ ଗଡ଼ଡ଼ଙ୍କ ସ୍ତ୍ରୀ ସୁକ୍ରୀ (୨୩) ଭୀଷଣ ଜ୍ୱରରେ ପଡି ଗୁରୁତର ହୋଇପଡିଥିଲେ। ଗ୍ରାମରୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯିବାକୁ ଚବେରୀ ନଦୀ ପଡେ। ଉକ୍ତ ନଦୀ ଉପରେ ନିର୍ମାଣାଧୀନ ପୋଲ କାର୍ଯ୍ୟ ଶେଷହୋଇ ନ ଥିବାରୁ ଗ୍ରାମବାସୀ ତାଙ୍କୁ ୩ କି.ମି. ଦୂରଯାଏ ଭାରରେ ବୋହି ଆଣି ନଦୀ କୂଳକୁ ଆଣିଥିଲେ। ସେଠାରେ ପୂର୍ବରୁ ଆସି ଅପେକ୍ଷା କରିଥିବା ୧୦୮ ଆମ୍ବୁଲାନ୍ସ ଯୋଗେ ସୁକ୍ରୀଙ୍କୁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଏନେଇ ତାଙ୍କ ସ୍ୱାମୀ ଟୈଳ କହନ୍ତି, ଆମ ଗ୍ରାମକୁ ରାସ୍ତା ନ ଥିବାରୁ ରାସ୍ତା ନିର୍ମାଣରେ ଚବେରୀ ନଦୀ ବାଧକ ସାଜିଛି। ନଦୀ ଉପରେ ହେଉଥିବା ପୋଲ ନିର୍ମାଣ ସରୁ ନ ଥିବାରୁ ଗ୍ରାମକୁ ରାସ୍ତାଟିଏ ଏଯାଏ ହୋଇପାରିନାହିଁ। ଗ୍ରାମରେ କାହାର ସ୍ୱାସ୍ଥ୍ୟ ଖରାପ ହେଲେ ଅବା ଗର୍ଭବତୀ ମହିଳାଙ୍କୁ ଆମେ ଏପରି ଭାରରେ ନଦୀକୂଳ ପର୍ଯ୍ୟନ୍ତ ବୋହି ଆଣୁ। ନଦୀ ଉପରେ ପଡ଼ିଥିବା ଟାଟି ଉପର ଦେଇ ଆରପଟକୁ ନେଇ ସେଠାରୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ନେଉ ବୋଲି ଟୈଳ କହିଛନ୍ତି। ନଦୀ ଉପରେ ଚାଲିଥିବା ପୋଲ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ବ୍ଲକର ଜୋନ୍–୨ ଜିଲା ପରିଷଦ ସଭ୍ୟ ଧନପତି ସାଉଁତା, ନନ୍ଦିଗାଁ ସରପଞ୍ଚ ଚମ୍ପା ମୁଦୁଲି ଦାବି କରିଛନ୍ତି। ପୋଲ କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ ନ ହେଲେ ଆଗାମୀ ସାଧାରଣ ନିର୍ବାଚନରେ ଆମେ ପଞ୍ଚାୟତବାସୀ ଭୋଟ ବର୍ଜନ କରିବୁ ବୋଲି ଚେତାବନୀ ଦେଇଛନ୍ତି।



ସୁକ୍ରୀଙ୍କୁ ଭାରରେ ଗ୍ରାମବାସୀ ବୋହି ନେଉଛନ୍ତି।

ସୂଚନାଯୋଗ୍ୟ, ଚବେରୀ ନଦୀ ଉପରେ ୭୬.୦୫ ମିଟର ବିଶିଷ୍ଟ ପୋଲ ନିର୍ମାଣ ଲାଗି ୨ କୋଟି ୭୭ ଲକ୍ଷ ୮୦ ହଜାର ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଏହାର ନିର୍ମାଣ ଦାୟିତ୍ୱ ଏନ୍‌ବିସିସି ଠିକା ସଂସ୍ଥାର ମା’ ଭଗବତୀ କନ୍‌ଷ୍ଟ୍ରକ୍ସନକୁ କାର୍ଯ୍ୟାଦେଶ ମିଳିଛି। ପୋଲ ନିର୍ମାଣ କାର୍ଯ୍ୟ ଅବଧି ୭।୮।୨୦୧୭ରୁ ଆରମ୍ଭ ହୋଇ ୭।୧୧।୨୦୧୯ ଶେଷ ହେବାକୁ ଧାର୍ଯ୍ୟ ହୋଇଥିଲା। ଏହି ସମୟସୀମା ଇତିମଧ୍ୟରେ ଶେଷ ହୋଇଯାଇଥିଲେ ମଧ୍ୟ ପୋଲ ନିର୍ମାଣ କାର୍ଯ୍ୟ ସରିନାହିଁ। ଠିକାସଂସ୍ଥା ପକ୍ଷରୁ ନଦୀ ଉପରେ ନିର୍ମିତ ଅସ୍ଥାୟୀ ରାସ୍ତାରେ ଲୋକେ ଯାତାୟାତ କରୁଛନ୍ତି।

